# ଅଗ୍ନି ବିପନ୍ନ ପରିବାରକୁ ସହାୟତା




ଜଳେଶ୍ୱର ବ୍ଲକ, ୨୯।୧ (ସମିସ): ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସରସୀଦା ଗ୍ରାମରେ ଗଢ଼ି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ ଆଜି ପହଞ୍ଚି ଥିଲା କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରାମ ପୁର ପଞ୍ଚାୟତର ପଦ୍ମଲାଭପୁର ଗ୍ରାମର ବନମାଳି ଜେନାଙ୍କ ଘରେ। ନିକଟରେ ଅଗ୍ନିକାଣ୍ଡରେ ବନମାଳିଙ୍କ ଘରର ସବୁକିଛି ଜଳିପୋଡ଼ି ଛାରଖାର ହୋଇଯାଇଛି। ହେଲ୍ପ ଫର ୟୁ ଫାଉଣ୍ଡେସନର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର ଅବଦାନରେ ଉକ୍ତ ପରିବାରକୁ ରେସନ ସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଜିନିଷପତ୍ର ସହ ଆର୍ଥିକ ସହାୟତା ପାଞ୍ଚ ହଜାର ପ୍ରଦାନ କରିଛନ୍ତି।

# ରେଞ୍ଜରଙ୍କ ଅତ୍ୟାଚାର ବିରୋଧରେ ଆଦିବାସୀ ମେଳି

ନୀଳଗିରି, ୨୯।୧ (ସମିସ)



କିଛି ମାସ ଧରି କୁଲଡ଼ିହା ଅଭୟାରଣ୍ୟରେ ହାତୀ ମଡ଼କ, ବନ୍ୟ ଜନ୍ତୁ ଶିକାର ବଢ଼ି ଚାଲିଥିବା ବେଳେ ରେଞ୍ଜର ଅଧିକାରୀ ସୁବ୍ରତ ବେହେରା ରୋଗ ବିକଳରେ ତାଟିଆ କାମୁଡ଼ା ଭଳି ବିଭିନ୍ନ ପ୍ରକାରର ମାମଲାରେ ନିରୀହ ଆଦିବାସୀଙ୍କୁ ଧରି ଆଣି ବ୍ରିଟିଶ ଶାସନ ପରି ଅତ୍ୟାଚାର କରୁଥିବା ନେଇ ବେଶ୍ ଚର୍ଚ୍ଚା ଚାଲିଛି। ନିଜକୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ନିଜର କାର୍ଯ୍ୟ ଦକ୍ଷତା ଅର୍ଜନ ପାଇଁ ପ୍ରକୃତ ଦୋଷୀଙ୍କୁ ଗିରଫ ନ କରି ନିରୀହ ଆଦିବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିବା ଅଭିଯୋଗ ଆଣି କିଛି ଦିନ ପୂର୍ବରୁ କୁଲଡ଼ିହା କାର୍ଯ୍ୟାଳୟ ଆଗରେ ଆଦିବାସୀମାନେ ଧାରଣା ଦେଇଥିଲେ। ଏପରିକି ନିରୀହ ଆଦିବାସୀଙ୍କୁ ଅକଥନୀୟ ଅତ୍ୟାଚାର, ମିଥ୍ୟାରେ ମକଦ୍ଦମା କରିବା, ବିଦ୍ୟୁତ୍ ସକ୍ ଦେଇ ଭୟଭୀତ କରିବା ଫଳରେ ଆଦିବାସୀଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି କରିଛି। ରେଞ୍ଜରଙ୍କ ଆଦିବାସୀଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ ଗୁରୁବାର ଦିନ କାଣ୍ଡଗରଡି ପଞ୍ଚାୟତର ଖୋଲିଆଠାରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବିରାଟ ଆଦିବାସୀ ମେଳି ହୋଇଛି। ଉକ୍ତ ବୈଠକର ମଂଚର ଆବାହକ ବିଜୟ ପାତ୍ରଙ୍କ ଉପସ୍ଥିତିରେ କୁଲଡ଼ିହା ରେଞ୍ଜର ନିଜର ମାନବିକତାକୁ ଭୁଲି ଯେପରି ଭାବେ ନିରୀହ ଆଦିବାସୀଙ୍କୁ ଅତ୍ୟାଚାର କରିବାରେ ଲାଗିଛନ୍ତି ତାହାକୁ ପ୍ରତିହତ କରିବା ପାଇଁ ଆଗାମୀ ଦିନରେ ଏକ

**ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ**

ବଡ଼ ଧରଣର ଆଦିବାସୀ ମେଳି କରାଯିବା ସହ ନୀଳଗିରି କୁଲଡ଼ିହା ଅଫିସ୍ ସମ୍ମୁଖରେ ଧାରଣା ଦିଆଯିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଏହି ପ୍ରସ୍ତାବକୁ ଉପସ୍ଥିତ ସମସ୍ତ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ସମର୍ଥନ ଜଣାଇଥିଲେ। ଏହି ବୈଠକରେ ପୂର୍ବତନ ସରପଞ୍ଚ ଯୋଗାନନ୍ଦ ଦାସ, ସତ୍ୟଜିତ ଦାସ, ଜ୍ୟୋତିର୍ମୟ ରାଉତ, ନିହାର ରଞ୍ଜନ ଜେନା, ପ୍ରମୁଖ ଉପସ୍ଥିତ ରହି ରେଞ୍ଜରଙ୍କ ମନମୁଖୀ କାର୍ଯ୍ୟକୁ ଘୋର୍ ନିନ୍ଦା କରିଥିଲେ। କୁଲଡ଼ିହା ରେଞ୍ଜର ଯଦି ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ନ କରନ୍ତି ତେବେ ଆଗାମୀ ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକର ଆଦିବାସୀ ମେଳିକୁ ବିରାଟ ମେଳି କରିବା ପାଇଁ ଆଦିବାସୀଙ୍କ ମଧ୍ୟରେ ଗଣ୍ଡି ବୁଲାଇବା ଆରମ୍ଭ କରିଛନ୍ତି। ଏ ନେଇ ଆଗାମୀ ଦିନରେ ରାଷ୍ଟ୍ରପତିଙ୍କ ବାଲେଶ୍ୱର ଗସ୍ତ ଅବସରରେ ସାକ୍ଷାତ୍ କରି ଦୁଃଖ ଜଣାଇବାର ଯୋଜନା ରହିଛି ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏଥି ପ୍ରତି ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଗୁରୁତ୍ୱ ଦେବାକୁ ଆଦିବାସୀ ମାନେ ଦାବି କରିଛନ୍ତି।

# ସିମୁଳିଆ ମହୋତ୍ସବ ଉଦ୍‌ଘାଟିତ



ସିମୁଳିଆ, ୨୯।୧ (ସମିସ): ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସିମୁଳିଆ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ପ୍ରଥମ ସନ୍ଧ୍ୟାକୁ ମହୋତ୍ସବ କମିଟିର ସଭାପତି ଗୋକୁଳାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର ଓ ଉଦଘାଟକ ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ସିମୁଳିଆ ଅଞ୍ଚଳର ବିକାଶ ସମସ୍ତଙ୍କ ପ୍ରୟାସ ହେବା ଜରୁରୀ ବୋଲି କହିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ବିଦ୍ୟୁତକରଣ ଓ ଅଳିଆ ସଫେଇ ପାଇଁ ଏକ କୋଟି ଅନୁଦାନ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ସୁନିଲ କୁମାର ଟୁଡୁ, ଭାରପ୍ରାପ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା, ସମାଜସେବୀ କୁନ୍ତଳା କୁମାରୀ ପଣ୍ଡା, ସିମୁଳିଆ ପଂଚାୟତ ସମିତି ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ମହୋତ୍ସବ ପରିଚାଳନା ନିର୍ଦ୍ଦେଶକ ଡ. ନୀଳମାଧବ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଡା. ଅଣୁମାଧବ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦକ ଭାରତୀ ମଲ୍ଲିକ, ମାର୍କୋଣା ପଞ୍ଚାୟତ ସରପଞ୍ଚ କାମଳକାନ୍ତ ନାୟକ ଓ ସମାଜସେବୀ ରାଧାରମଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ମହୋତ୍ସବ କମିଟିର ଉପ ସଭାପତି ସୂର୍ଯ୍ୟମଣୀ ବୋଇତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିମୁଳିଆ ମହୋତ୍ସବ କମିଟିର ସମ୍ପାଦକ କମଳଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସର୍ବ ପ୍ରଥମେ ଅତିଥି ମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଉତ୍ସବଟିକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଶେଷରେ ମଣ୍ଡଳ ସଭାପତି ଅବିନାଶ ବେହେରା ଧନ୍ୟବାଦ ଦେଇଥିଲେ।

# ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର ବ୍ଲକ, ୨୯।୧ (ସମିସ): ଜଳେଶ୍ୱର ବ୍ଲକ୍ ମାକଡ଼ିଆ ପଞ୍ଚାୟତ କୁଅଁରପୁର ବିଶେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟର ୭୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଆୟୋଜିତ ହେଇଯାଇଛି। ଅପରାହ୍ନ ୩ଟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଗୋବିନ୍ଦ ଭଗବାନ, ମୁଖ୍ୟବକ୍ତା ପ୍ରାକ୍ତନ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି, ସମ୍ମାନିତ ଅତିଥି ନିଶ୍ଚଳ ଘଡେଇ, ପରିଚାଳନା କମିଟିର ସଭାପତି ସରୋଜ ଘଡେଇ, ଦାରାସିଂ ଚୌହାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ଦାସ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ନିତ୍ୟାନନ୍ଦ ଦଣ୍ଡପାଟ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ବେନି ମାରାଣ୍ଡି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ସୁଧୀର ଘଡେଇ ଧନ୍ୟବାଦ ଦେଇଥିଲେ।

# ସିମୁଳିଆ ଏନ୍‌ଏସିର ନୂତନ ଗୃହ ଉଦ୍‌ଘାଟିତ

ସିମୁଳିଆ, ୨୯।୧ (ସମିସ): ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ନୂତନ ସିମୁଳିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ ଗୃହ ଉଦଘାଟିତ ହୋଇଯାଇଛି। ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସିମୁଳିଆରେ ପହଁଚିବା ପରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ନିର୍ବାଚିତ ପ୍ରତିନିଧି ମାନେ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେଠାରୁ ତାଙ୍କୁ ଘୋଡା ଗାଡିରେ ବସାଇ ବିରାଟ ଶୋଭାଯାତ୍ରାରେ ନୂତନ ସିମୁଳିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୃହକୁ ପାଛୋଟି ନିଆଯାଇଥିଲା। ମୁଖ୍ୟ ଅତିଥି ନଗର ଉନ୍ନୟନ ମନ୍ତ୍ରୀ ମହୋଦୟ ଫିଂତା କାଟି ନଡ଼ିଆ ବାଡେଇ ନୂତନ ଗୃହକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ସିମୁଳିଆକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ସ୍ୱୀକୃତି ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିମୁଳିଆ ପଂଚାୟତ ସମିତି ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଉପାଧ୍ୟକ୍ଷ ହିମାଦ୍ରୀ ନନ୍ଦିନୀ ମହାପାତ୍ର, ମାର୍କୋଣା ସରପଞ୍ଚ କମଳାକାନ୍ତ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର ଓ ପ୍ରଥମ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁ, ସିମୁଳିଆର ଭାରପ୍ରାପ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



# ମାଟିକେଞ୍ଚା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର, ୨୯।୧ (ସମିସ): ଭୋଗରାଇ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ମାଟିକେଞ୍ଚା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ମଣ୍ଡଳ ସଂଚାଳନ କରିଥିବାବେଳେ ମୁଖ୍ୟଅତିଥି ଭାବେ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ସରପଞ୍ଚ ରାଧାରାଣୀ ବେହେରା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ସୁବର୍ଣ୍ଣରେଖା ସେବା ସମବାୟ ସମିତିର ସଭାପତି ନନ୍ଦ ଦୁଲାଲ ବେଜ, ବିଶିଷ୍ଟ ବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଶ୍ରଦ୍ଧାପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦେବ କୁମାର ପାତ୍ର, ନାରାୟଣ ମହାନ୍ତି ପଡିଆ ପଞ୍ଚାୟତ ସମିତି ସଭ୍ୟ ବିଶ୍ୱନାଥ ଗିରି, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀହରି ଚରଣ ବାଣୁଆ, ୱାର୍ଡସଭ୍ୟ ମାଧବ ଚନ୍ଦ୍ର ଗିରି, ପରିଚାଳନା କମିଟିର ସଭାପତି ଶ୍ରୀକୁମାର ବାଣୁଆ, କମିଟିର ସଦସ୍ୟ କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ଭିତରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ବାର୍ଷିକ ଉତ୍ସବର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ କରିଛନ୍ତି। ସହକାରୀ ଶିକ୍ଷକ ଆଦିକନ୍ଦ ମଲ୍ଲିକ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିବାବେଳେ ସହକାରୀ ଶିକ୍ଷକ ମିଥୁନ ଗଙ୍ଗେଇ ବାର୍ଷିକ ବିବରଣୀ ପଠନ ଓ ଶିକ୍ଷକ ଗୋପାଳ ଚନ୍ଦ୍ର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର କୃତୀ ପିଲା ତଥା ବିଭିନ୍ନ ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ବସନ୍ତ ପାତ୍ର ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।

# ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ଭୋଗରାଇ, ୨୯।୧(ସମିସ) : ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତରେ ପ୍ରାୟତଃ ସାଢେ ତିନିଲକ୍ଷ ଲୋକ ବସବାସ କରନ୍ତି। ସେଥିମଧ୍ୟରୁ ପାଖାପାଖି ୫୦ ହଜାରରୁ ଅଧିକ ଶିଶୁ ବା ନାବାଳକ ନାବାଳିକା ବସବାସ କରିଥାନ୍ତି। ଭୋଗରାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାର ଉପସ୍ୱାସ୍ଥ କେନ୍ଦ୍ର ୩୨ଟି, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୯ ଟି ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୨ଟି ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ଭୋଗରାଇ ଡାକ୍ତର ଖାନାରେ ଜଣେ ବି ଶିଶୁମାନଙ୍କ ଚିକିତ୍ସା ପାଇଁ ଡାକ୍ତର ନାହାନ୍ତି। ଶିଶୁ ମାନଙ୍କ ଦେହ ଅସୁସ୍ଥ ହେଲେ ଦୀର୍ଘ ଶହେ କିଲୋମିଟର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ସେଥିପାଇଁ ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ସାନତେଘରୀ ଗ୍ରାମରେ ଥିବା ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ତାଙ୍କର ପୈତୃକ ବାସଭବନ ତଲାଡିରେ ପହଞ୍ଚି ଏକ ଦାବିପତ୍ର ଦେଇଛନ୍ତି। ବିଧାୟକ ଦାବିପତ୍ରକୁ ଗୁରୁତ୍ୱର ସହ ନେଇ ଖୁବ୍‌ଶିଘ୍ର ଶିଶୁ ମାନଙ୍କ ପାଇଁ ଡାକ୍ତର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ରାଧାକୃଷ୍ଣ ଯୁବକ ସଂଘର ସଭାପତି ସୁଶାନ୍ତ ପାତ୍ର, ସମ୍ପାଦକ ଝାଡେଶ୍ୱର ସାହୁ, ଦୀପକ ପାତ୍ର ଉପସ୍ଥିତ ଥିଲେ।



# ବିଶାଳ ହିନ୍ଦୁ ସମ୍ମିଳନୀ ପାଇଁ ନଗର କୀର୍ତ୍ତନ




କାଳିପଦା, ୨୯।୧ (ସମିସ): ବାଲିଆପାଳ ବ୍ଲକରେ ଗୁରୁବାର ବିଶାଳ ହିନ୍ଦୁ ସମ୍ମିଳନୀ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ମିଳନୀରେ ଶହ ଶହ ମହିଳା ପୁରୁଷ ଯୋଗ ଦେଇ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡଠାରୁ ଏକ ବିଶାଳ ଶୋଭାଯାତ୍ରରେ ବାହାରି ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକ, ରାଜାରାଣୀ ଛକ ସିମୁଳିଆ ମାର୍କେଟ ଦେଇ ସିମୁଳିଆ ସ୍ଥିତ ରାବଣପୋଡି ପଡ଼ିଆରେ ଅନୁଷ୍ଠିତ ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲେ। ଏହି ସମ୍ମିଳନୀରେ ଭୁବନେଶ୍ୱର ରାମକୃଷ୍ଣ ମିଶନର ଅଧ୍ୟକ୍ଷ ସ୍ୱାମୀ ଆଶ୍ରୟାନନ୍ଦ ମହାରାଜ, ଆଗମାଶ୍ରମ ନୀଳଗିରି ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି, ବିଶ୍ୱହିନ୍ଦୁ ପରିଷଦ ଖଣ୍ଡ ପ୍ରମୁଖ ତଥା ଧର୍ମଜାଗରଣ ସମିତିର ସଭାପତି ସୁଧାଂଶୁ ପାଞ୍ଚା, ଆରଏସଏସର ଅଦ୍ୱୈତ୍ୟ ଦାସ ପ୍ରମୁଖ ଯୋଗ ଦେଇ ସମସ୍ତ ସନାତନୀ ହିନ୍ଦୁଙ୍କୁ ଏକତ୍ରିତ କରି ସମସ୍ତଙ୍କ ମନ ମଧ୍ୟରେ ହିନ୍ଦୁତ୍ୱ ବିଚାର ଭାବନାକୁ ଜାଗ୍ରତ କରିବା ଉପରେ ପ୍ରବଚନ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦ ବାଲିଆପାଳ ଶାଖାର ଶ୍ରୀହରି ମଣ୍ଡଳ, ସମାଜସେବୀ ଅରବିନ୍ଦ ବେହେରା, ଅଜୟ କୁମାର ସାହୁ, ମାଳତୀ ନାୟକ, ଅକ୍ଷୟ ପାତ୍ର, ଅଦ୍ୱୈତ୍ୟ ବାଗ, ଗୌରବ ଅଣ୍ଡିଆ, ହେମନ୍ତ ମୁଖୀ, ଅଜିତ କର, ମନ୍ମଥ ପାତ୍ର, ଲମ୍ବୋଦର ମାହାନା, ଦିପୁ ମାହାନା, ଗଜେନ୍ଦ୍ର ଜେନା, ମନୋରଞ୍ଜନ ବେହେରା, ଲକ୍ଷ୍ମୀଧର ପାତ୍ର, ମଧୁପୁରା ସରପଞ୍ଚ ଗୀତରାଣୀ ମାହାନା, ଅରିନ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**● ଫସଲ ବୀମା ହଡ଼ପ ଘଟଣା**

# ପୂର୍ବତନ ସମ୍ପାଦକକୁ ବାନ୍ଧିଲା ଭିଜିଲାନ୍ସ

ବାଲେଶ୍ୱର(ଉତ୍ତର),୨୯।୧(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦାହୁଣଦା ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ସୁବଳ କୁମାର ସାହୁଙ୍କୁ ଆଜି ଚାକିରିରୁ ବହିଷ୍କାର କରିବା ସହ ଭିଜିଲାନ୍ସ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୧୪-୧୫ଆର୍ଥିକ ବର୍ଷରେ ଉକ୍ତ ସମିତିରେ ଫସଲ ବୀମା ଯୋଜନାରେ ୧୯ଲକ୍ଷ ୮୦ହଜାର ୨୫୫ ଟଙ୍କା ହେର ଫେର ହୋଇଥିଲା। ଏହାକୁ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରାଯାଉଥିଲା। ତେବେ ତଦନ୍ତରେ ଉକ୍ତ ସମବାୟ ସମିତିର ପୂର୍ବତନ ସମ୍ପାଦକ ସୁବଳ କୁମାର ସାହୁ ସମ୍ପୃକ୍ତ ଥିବା ନେଇ ପ୍ରମାଣ ମିଳିଥିବାରୁ ଆଜି ତାଙ୍କ ନାମରେ ଭିଜିଲାନ୍ସ ପକ୍ଷରୁ ପି ଏସ କେଶ ନଂ ୦୩/୨୦୨୬,ୟୁ ଏସ ୧୩(୨)ଆର/ଡବ୍ଲ୍ୟୁ ୧୩(୧) ପି ସି ଆକ୍ଟ ୨୦୧୮ ମୂଳେ ଏକ ମାମଲା ରୁଜୁ କରାଯାଇ ଶ୍ରୀ ସାହୁଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ଗିରଫ କରାଯାଇ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର କୋର୍ଟର ବିଚାରପତିଙ୍କ ଠାରେ ହାଜର କରାଯାଇଥିବା ସୂଚନା ମିଳିଛି।



# ‘ନିଶାକୁ ନା’ ସଚେତନତା କାର୍ଯ୍ୟକ୍ରମ



ଜଳେଶ୍ୱର ବ୍ଲକ, ୨୯।୧ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଞ୍ଚାୟତ ଅଧୀନସ୍ଥ ନେତୁଆ ଗ୍ରାମରେ ପଞ୍ଚାୟତ ଅଫିସ ସମ୍ମୁଖରେ ‘ନିଶାକୁ ନା’ ସଚେତନତା କାର୍ଯ୍ୟକ୍ରମଅନୁଷ୍ଠିତହୋଇଛି।ସମାଜସେବୀ ସାବିତ୍ରୀ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ “ମନା” ଜଳେଶ୍ୱର ଶାଖାର ସଭାପତି ଦିଲ୍ଲୀପ କୁମାର ଗିରି, ମୁଖ୍ୟ ବକ୍ତା ଭାବରେ ‘ମନା’(ମିଳିତ ନିଶା ନିବାରଣ ଅଭିଯାନ) ଜଳେଶ୍ୱରର ସମ୍ପାଦକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଅଧ୍ୟକ୍ଷ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି, ସମ୍ମାନୀତ ଅତିଥି ଭାବରେ ଶୈଳବାଳା ପ୍ରଧାନ, ସମ୍ମାନୀତ ଅତିଥି ଭାବରେ ସାବିତ୍ରୀ ଜେନା ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ସାବିତ୍ରୀ ଜେନା ନିଶା ସମ୍ପର୍କରେ ଆଲୋଚନା କରିଥିଲେ। ନିଶା ନିବାରଣ ଉଦ୍ଦେଶ୍ୟରେ ସବୁ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଗ୍ରାମବାସୀ, ସଚେତନ ନାଗରିକ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏକ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ପାର୍ଥ ପ୍ରତିମ ପ୍ରଧାନ।

# ବାର୍ଷିକ ସାଂସ୍କୃତିକ ଉତ୍ସବ




ସିମୁଳିଆ, ୨୯।୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କ୍ଷୀରକୋଣା ପଞ୍ଚାୟତର ଗୋପତ୍ରାଣ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ ଉତ୍ସବ ପାଳିତ ହୋଇ ଯାଇଛି। କଲେଜ ପରିସରରେ ଏକ ସଭାର ଆୟୋଜନ ହୋଇଥିଲା । ପ୍ରଥମେ ମାନସ ରଞ୍ଜନ ବେହେରା ଅତିଥି ପରିଚୟ କରିଥିଲେ। ପଦ୍ମଲୋଚନ ନାୟକ କଲେଜର ବିବରଣୀ ପାଠ କରିଥିଲେ। ପ୍ରିନ୍ସିପାଲ ପୂର୍ଣ୍ଣଚନ୍ଦ୍ର ସିଂ ମୁଖ୍ୟଅତିଥି, ସିମୁଳିଆ ଆଇଆଇସି ଦେବରାଜ ଜେନା ପିଲାମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଡ. ଶରତ କୁମାର ମହାନ୍ତି, ସମ୍ମାନିତ ଅତିଥି ଲକ୍ଷ୍ମୀନାରାୟଣ ମହାନ୍ତି, ଶରତ କୁମାର ମହାନ୍ତି, ସୁଶାନ୍ତ କୁମାର ଜେନା, ଅନନ୍ତ କୁମାର ପାଢୀଙ୍କ ଉପସ୍ଥିତିରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପଶ୍ଚିମବଙ୍ଗରୁ ଆସୁଥିବା ୩ ଚୋରା ଧାନ ଟ୍ରକ୍ ଧରାପଡ଼ିଲା

ଜଳେଶ୍ୱର, ୨୯।୧ (ସମିସ)




ଓଡିଶା ସରକାର ଧାନ କିଣା ଉପରେ ସରକାରୀ ସବସିଡ (ଏସଏମପି) ମୂଲ୍ୟ ୩୧୦୦ଟଙ୍କାକୁ ବଢାଇବା ଫଳରେ ପଶ୍ଚିମବଙ୍ଗ ରାଜ୍ୟରୁ ଓଡିଶାକୁ ଧାନ ଆସିବା ଉପରେ କଟକଣା ଲଗାଯାଇଛି। ସେଥିପାଇଁ ସୀମାନ୍ତ ଜଳେଶ୍ୱରର ବିଭିନ୍ନ ଗଳା ବାଟରେ ନାକାବନ୍ଦି କରିବା ସହିତ ୩ଟି ମୋବାଇଲ ଏନଫୋର୍ସମେଣ୍ଟ ଟିମ ଗଢାଯାଇ ଯାଂଚ କରାଯିବାର ବ୍ୟବସ୍ଥା କରାଯାଇଛି। ତଥାପି ଓଡିଶାର ଧାନ ଦଲାଲମାନେ ପଶ୍ଚିମବଙ୍ଗ ରାଜ୍ୟରୁ ଧାନ ଆଣିବାରେ ସକ୍ଷମ ହେଉଥିବା ଜଣାଯାଇଛି। ଗୁରୁବାର ଦିନ ୩ଟି ଧାନ ବୋଝେଇ ଟ୍ରକ ପଶ୍ଚିମବଙ୍ଗ ରାଜ୍ୟରୁ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଦେଇ ଓଡିଶାକୁ ପ୍ରବେଶ କରୁଥିବା ବେଳେ ପୂର୍ବ ସୂଚନାନୁଯାୟୀ ବାଲେଶ୍ୱର ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ଏକ ଟିମ ଓ ଜଳେଶ୍ୱର ଏନଫୋର୍ସମେଣ୍ଟ ମୋବାଇଲ ଦ୍ୱାରା ଧରାପଡିଥିଲା। ଏହି ତିନଟି ଟ୍ରକରେ ୧୮୦୦ବ୍ୟାଗ ଧାନ ଯାହାର ଆନୁମାନିକ ଓଜନ ୯୦୦ କ୍ୱିଣ୍ଟାଲ ହେବ ବୋଲି ସୂଚନା ମିଳିଛି। ଏହି ଧାନ ଟ୍ରକକୁ ଜବତ କରାଯାଇ ଜଳେଶ୍ୱର ଏଫ୍. ସି.ଆଇ ଗୋଦାମରେ ରଖାଯିବା ସହିତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ବୋଲି ଜଣାଯାଇଛି। ଏହି ଚଢ଼ଉରେ ବାଲେଶ୍ୱର ସଦର ଯୋଗାଣ ଇନ୍ସପେକ୍ଟର ସୁଶାନ୍ତ ସାହୁ, ଜଳେଶ୍ୱର ଯୋଗାଣ ଇନ୍ସପେକ୍ଟର ଅବନ୍ତିକା ସାହୁଙ୍କ ସହିତ ୯ଜଣିଆ ଟିମର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଧାନ ବୋଝେଇ ଟ୍ରକକୁ ଜବତ କରିବା ସହିତ ଡ୍ରାଇଭର ଓ ହେଲପରକୁ ଅଟକ ରଖାଯାଇ ଅଧିକ ତଦନ୍ତ କରାଯାଉଥିବା ଜଣାଯାଇଛି।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବାଲେଶ୍ୱରରେ କ୍ରାଇମବ୍ରାଞ୍ଚ ଡିଜି

ବାଲେଶ୍ୱର,୨୯ ।୧(ସମିସ)




ଆସନ୍ତା ୩ ତାରିଖ ମଙ୍ଗଳବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାଲେଶ୍ୱର ଗସ୍ତରେ ଆସିବେ। ସେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମର ବ୍ୟାପକ ସୁରକ୍ଷା ପାଇଁ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ବାଲେଶ୍ୱର ଗସ୍ତ କରିଛନ୍ତି। ପ୍ରଥମେ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଯାଇଥିଲେ। ଏହି ସମୟରେ ସେ ବିଶ୍ୱବିଦ୍ୟାଳୟର ସୁରକ୍ଷା ସ୍ଥିତି ପରଖିବା ସହ କୁଳପତିଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଫେରି ସେ ଡିଆଇଜି ପିନାକ ମିଶ୍ର ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ସହ ରାଷ୍ଟ୍ରପତିଙ୍କ ଗସ୍ତର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ପରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୩ତାରିଖରେ ରାଷ୍ଟ୍ରପତି ଫକୀରମୋହନ ବିଶ୍ୱବିଦ୍ୟାଳୟ ଗସ୍ତ କରୁଛନ୍ତି। ସେଠାରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ତାଙ୍କ ଆସିବା ନେଇ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଉପରେ ସମୀକ୍ଷା କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ପ୍ରାଥମିକ ଗୁରୁତ୍ୱ ପ୍ରଦାନ କରାଯାଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

**ରେମୁଣା ମହୋତ୍ସବରେ ଗୁଳି ଫୁଟିବା ଘଟଣା**

# ପ୍ରତ୍ୟାଖ୍ୟାନ କଲେ ମହୋତ୍ସବ କମିଟି ସଦସ୍ୟ



ରେମୁଣା,୨୯ ।୧(ସମିସ): ରେମୁଣା ମହୋତ୍ସବ ପଡିଆରେ ପ୍ରେସମିଟରେ ମହୋତ୍ସବ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ସଭାପତି ବିଶ୍ୱମ୍ବର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ ରଣା ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ ଆଜିକୁ ୧୮ ବର୍ଷ ଧରି ଶାନ୍ତି ଶୃଙ୍ଖଳା ସହ ସମସ୍ତ ଦଳ,ସମସ୍ତ ବର୍ଗ, ସମସ୍ତ ଗୋଷ୍ଠୀର ବ୍ୟକ୍ତି ଏହି ମହୋତ୍ସବରେ ସାମିଲ ଅଛନ୍ତି। କିନ୍ତୁ ଦୁଃଖର ବିଷୟଯେ ଗତକାଲି କିଛି ବୈଦ୍ୟୁତିକ ଗଣମାଧ୍ୟମରେ ଏକ ଖବର ପ୍ରଚାର ହୋଇଛି ଯେ ରେମୁଣା ମହୋତ୍ସବରେ ଗୁଳିକାଣ୍ଡ ଘଟିଛି। ଏହି ଘଟଣା ମହୋତ୍ସବର ସମସ୍ତ କର୍ମକର୍ତ୍ତା ଏବଂ ରେମୁଣାବାସୀଙ୍କୁ ଖୁବ ମର୍ମାହତ ଓ ଦୁଃଖିତ କରିଛି । ତେବେ ଅନ୍ୟତ୍ର ଘଟିଥିବା ଗୁଳିମାଡ ଘଟଣାକୁ ରେମୁଣା ମହୋତ୍ସବ ପ୍ରତି ଆରୋପ କରିବା ସମ୍ପର୍କ ଭିତ୍ତିହୀନ। ଆଜିର ପ୍ରେସମିଟର ନିନ୍ଦା କରିବା ସହ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏହା ରେମୁଣା ମହୋତ୍ସବ ପ୍ରତି ତିଳେମାତ୍ର ପ୍ରଭାବ ପକେଇବ ନାହିଁ ବୋଲି ବକ୍ତବ୍ୟରେ କହିଥିଲେ। ଆଇନଜୀବୀ ଜୟ ନାରାୟଣ ପଣ୍ଡା, ଡ. ଭାଗବତ ପ୍ରସାଦ ଦାସ, ବଟ ବିହାରି ଦାସ, ଗଗନ ସାହୁ, ସତ୍ୟନାରାୟଣ ରଣା, କାହ୍ନୁଚରଣ ବେହେରା, ତପନ ବେହେରା, ଅମୂଲ୍ୟ ପଟ୍ଟନାୟକ, ଆଇଶାନ ଖାଁ, କରୁଣାକର ମହାନ୍ତି, ଗିରିଶ କୁମାର ଷଡ଼ଙ୍ଗୀ, କିରଣ କୁମାର ମହାରଣା, ଶିବ ଶଙ୍କର ରାୟ, ମାଧବାନନ୍ଦ ବେହେରା, ବିଦ୍ୟାଧର ଜେନା, ବିଶ୍ୱଜିତ ସେନ ଏବଂ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଫକୀରମୋହନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୨୯ ।୧(ସମିସ): ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ପ୍ରଥମ ନିୟମିତ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ନାୟକଙ୍କ ଉଦ୍ଦେଶ୍ୟରେ ଆଜି ମହାବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଓ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ଅନ୍ତିମ ସମୟେ ପ୍ରଫେସର ନାୟକଙ୍କର ବୟସ ୯୬ ବର୍ଷ ହୋଇଥିଲା। ୨୦୦୧ ମସିହାରେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ନିୟମିତ ଅଧ୍ୟକ୍ଷ ଭାବେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଦ୍ୱାରା ସେ ଅନୁଷ୍ଠାନର ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭାରେ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୋନାଲିସା ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ ରାଉତ, ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ, ଆକାଡେମିକ ବର୍ଷାର ସୁଜିତ୍ କୁମାର ଦାସ, ଆକାଉଣ୍ଟ ବର୍ଷାର ମନୋରଞ୍ଜନ ପଣ୍ଡା, ନାମଲେଖା ଅଧିକାରୀ ପ୍ରିୟଙ୍କା ପତି, ମେଧାବୃତ୍ତି ଅଧିକାରିଣୀ ଶାଶ୍ୱତୀ ଦାସ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ସୁଲୋଚନା ସିଂ, ସହ ପରୀକ୍ଷା ନିୟନ୍ତ୍ରକ ଅପର୍ଣ୍ଣା ସେଠୀ, ସେକ୍ସନ ଅଧିକାରୀ ବଳରାମ ନାଏକ ଙ୍କ ସହିତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଫେସର ନାୟକଙ୍କ ସ୍ମୃତି ଚାରଣ କରିଥିଲେ।

# ଭେଟେରାନ କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବାଲେଶ୍ୱର,୨୯ ।୧(ସମିସ): ଭେଟେରାନ କ୍ରୀଡା ସଂଘର ବାର୍ଷିକ କ୍ରୀଡା ପ୍ରତିଯୋଗିତା ପରମିଟ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ ଶୁଭାରମ୍ଭ କରିଥିଲେ। ପ୍ରଥମେ ବିଭାଗର ୮୦ ରୁ ୮୫ ବର୍ଷର ପୁରାତନ ଖେଳାଳୀଙ୍କ ଚାଲିବା ପ୍ରତିଯୋଗିତାକୁ ଶ୍ରୀମତୀ ସାହୁ ଶୁଭାରମ୍ଭ କରିଥିଲେ। ଦିନସାରା ପୁରୁଷ ଏବଂ ମହିଳାମାନଙ୍କ ଦୌଡା, ଥ୍ରୋ, ମଟରସାଇକେଲ, ଶଙ୍ଖ ଫୁଙ୍କା, ଆଳୁଚାମଚ ଇତ୍ୟାଦି ସମସ୍ତ ଖେଳ ଗୋଟିଏ ଦିନରେ ସମାପ୍ତ ହୋଇଥିଲା। ସନ୍ଧ୍ୟାରେ ପୁରୁଣା ଷ୍ଟାଡିୟମ ଇନଡୋର ଷ୍ଟାଡିୟମ ଭିତରେ ୪୦ ରୁ ୮୦ ବର୍ଷ ଭେଟରାନ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୭୦ ରୁ ୭୫ ଏବଂ ୮୦ ରୁ ୮୫ ବର୍ଷ ବୟସ୍କ ବ୍ୟାଡମିଣ୍ଟନ ଖେଳାଳୀ ଭାଗ ନେଇଥିଲେ। ୭୦ ରୁ ୭୫ ରେ ଗୋପାଳ ସେଠୀ ଏବଂ ମନୋଜ ଦାସ ଚମ୍ପିୟାନ ଏବଂ ୮୦ ରୁ ୮୫ରେ ଡ. ଅଶୋକ ପାଣିଗ୍ରାହୀ ଓ ପଦ୍ମଲୋଚନ ଲେଙ୍କା ରନର୍ସଅପ ହୋଇଥିଲେ। ପୁରାତନ ଖେଳାଳୀମାନେ ବିଭିନ୍ନ ଖେଳରେ ୧୨୪ ଜଣ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ସଭାରେ ସଂଘ ସଭାପତି ଡ. ଅଶୋକ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କୃତୀ ଖେଳାଳୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପଦ୍ମଲୋଚନ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣ ସମୟରେ ସଂଘର କୋଷାଧ୍ୟକ୍ଷ ହରେନ ରଣା, ସହ ସମ୍ପାଦକ ଗୋପାଳ ସେଠୀ, ମନୋଜ ଦାସ, ପ୍ରଦୀପ ଦାସ, ଜଗଦିଶ ବେହେରା, ନିମାଇଁ ଚରଣ ରାଉତରାୟ, ସୁରଜିତ ମହାପାତ୍ର, ସୁକୁମାର ଘୋଷ, ମଧୁ ବେହେରା, ଅମର ମହାନ୍ତି, ସତ୍ୟ ବାରିକ, ଚିତରଞ୍ଜନ ଦାସ ଏବଂ ସମସ୍ତ ଖେଳାଳୀ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଶେଷରେ ଅର୍ଚ୍ଚନା ନନ୍ଦୀ ଧନ୍ୟବାଦ ଦେଇଥିଲେ।

# ଜଗଦଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ଉତ୍ସବ



ବାଲେଶ୍ୱର,୨୯ ।୧(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଓ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ସମାରୋହ ଶାନ୍ତିକାନନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କ୍ଷିତୀଶ୍ୱର ଦାଶ, ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟ ସହଯୋଗୀ ପ୍ରଫେସର ଡ.ଦେବାଶିଷ ମିଶ୍ର, ଜଗଦଗୁରୁ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ସଭାପତି ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଶ୍ରୀଧର ସ୍ୱାମୀଙ୍କ ଟୀକାର ତତ୍ତ୍ୱ, ଦର୍ଶନ ସମ୍ପର୍କରେ ଆଲୋଚନା କରି ଶ୍ରୀଧର ସ୍ୱାମୀଙ୍କ ସମଗ୍ର ଟୀକା ଓ ଗ୍ରନ୍ଥକୁ ଏକତ୍ରିତ କରି ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ଶ୍ରୀଧର ସ୍ୱାମୀଙ୍କ ଦର୍ଶନ, ମାନବିକ ମୂଲ୍ୟବୋଧ ନୀତି, ଆଦର୍ଶ ଅଧିକ ଲୋକଲୋଚନକୁ ଆସିପାରିବ ବୋଲି ମତ ଦେଇଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ୍ ଭାଷଣ ରଖିଥିବାବେଳେ ସ୍ମୃତି ପରିଷଦ ସମ୍ପାଦକ ଡ.ଭାଗବତ ପ୍ରସାଦ ଦାସ ସମ୍ପାଦକୀୟ ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଡ.ଶିରୀଶ ଚନ୍ଦ୍ର ଜେନା, ବିଷ୍ଣୁ ପ୍ରସାଦ ମହାନ୍ତି, ଶରତ ଚନ୍ଦ୍ର ମହାପାତ୍ର, ମଧୁସୂଦନ ମାଝୀ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଦିନରେ 'ଉତ୍ସାହ ୨୦୨୬'




ବାଲେଶ୍ୱର,୨୯ ।୧(ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମିଳିତ ସହଯୋଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ "ଉତ୍ସାହ ୨୦୨୬' ତୃତୀୟ ଦିନ ଆୟୋଜିତ ହୋଇଯାଇଛି। ତୃତୀୟ ଦିବସରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ଓ ସୃଜନଶୀଳତାର ଅଦ୍ଭୁତ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏହି ଦିନ ଅନୁଷ୍ଠିତ ପ୍ରତିଯୋଗିତାଗୁଡ଼ିକ ମଧ୍ୟରେ ଶାସ୍ତ୍ରୀୟସଙ୍ଗୀତ (ତାଳ ବାଦ୍ୟ ସହ), ଇଂରାଜୀ ବିତର୍କ, କାର୍ଟୁନ୍ ଅଙ୍କନ, ଏକାଙ୍କ ନାଟକ, ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ପଶ୍ଚିମାତ୍ୟ ଯନ୍ତ୍ର ସଙ୍ଗୀତ (ଏକକ), ହିନ୍ଦୀ ବକ୍ତୃତା, ପୋଷ୍ଟର ନିର୍ମାଣ, ସ୍କିଟ୍ / ଛୋଟ ନାଟିକା ଓ ଲାଇଟ୍ ଭୋକାଲ୍ (ଏକକ) ଅନ୍ତର୍ଗତ ଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହାସହିତ ଚାନ୍ଦିପୁରସ୍ଥିତ ଡିଆରଡିଓର ସୌଜନ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବିଶେଷ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ବୋଫର୍ସ ସହିତ ବିଭିନ୍ନ ଆଧୁନିକ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ପ୍ରଯୁକ୍ତି ପ୍ରଦର୍ଶିତ ହୋଇଛି। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରୁ ଆସିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ପ୍ରଦର୍ଶନୀ ଅତ୍ୟନ୍ତ ଆକର୍ଷଣୀୟ ଓ ଶିକ୍ଷାଦାୟକ ହୋଇପାରିଛି। ସମଗ୍ର ଭାବେ "ଉତ୍ସାହ୨୦୨୬'ର ତୃତୀୟ ଦିନ ଯୁବ ପ୍ରତିଭା, ସାଂସ୍କୃତିକ ବିବିଧତା ଓ ସୃଜନାତକତାର ଏକ ଜୀବନ୍ତ ଉତ୍ସବ ରୂପେ ପରିଣତ ହୋଇଛି। "ଉତ୍ସାହ' ଯୁବ ମହୋତ୍ସବର ଆବାହକ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଂଜନ ରାଉତ ଏବଂ ଆୟୋଜକ ସଚିବ ଡକ୍ଟର ଅସୀମ ଅମିତାଭ ପ୍ରଧାନ ଉତ୍ସବରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରକୁ ସୁବିଧାଜନକ, ସୁସଂଗଠିତ ଓ ଅନୁକୂଳ ରଖିବା ନିମନ୍ତେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଏହାସହିତ "ଉତ୍ସାହ ୨୦୨୬'ର ସଫଳ ଆୟୋଜନ ଓ ସୁଚାରୁ ରୂପାୟନ ପାଇଁ ସମସ୍ତ ସମ୍ପୃକ୍ତ ବ୍ୟକ୍ତି, ସ୍ୱେଚ୍ଛାସେବକ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କ ସାମୁହିକ ସହଯୋଗ ପ୍ରତି ଧନ୍ୟବାଦ ଜଣାଇଛନ୍ତି।

# ୧ ଓ ୨ରେ କବାଡ଼ି ପ୍ରତିଯୋଗିତା

ବାଲେଶ୍ୱର,୨୯ ।୧(ସମିସ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ରାଜ୍ୟ କବାଡି ଏବଂ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ବାଳକମାନଙ୍କ ଆସନ୍ତା ୧ ତାରିଖ ଏବଂ ବାଳିକା ବିଭାଗର ଆସନ୍ତା ତାରିଖରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଯେଉଁ ପ୍ରତିଯୋଗୀମାନେ ରେଜିଷ୍ଟ୍ରେସନ କରିଥିବେ ସେମାନେ ଉପରୋକ୍ତ ତାରିଖ ଦିନ ଆଧାର କାର୍ଡ ଓ ଜନ୍ମ ପ୍ରମାଣ ପତ୍ରର ଅରିଜିନାଲ୍ ଏବଂ ଜେରକ୍ସ କପି ସାଙ୍ଗରେ ନେଇ ପରମିଟ ପଡିଆ (ନୂଆ ଷ୍ଟାଡିୟମ) ଠାରେ ଦିବା ୯ ଘଟିକାରେ ଉପସ୍ଥିତ ରହିବା ପାଇଁ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ସମସ୍ତ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ବିରେନ୍ଦ୍ର ସ୍ୱାଇଁ(୮୧୪୪୬୮୯୪୮୫)ଙ୍କ ସହିତ ଯୋଗାଯୋଗ କରିବାକୁ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି।

# ପଲିଫେଷ୍ଟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ




ବାଲେଶ୍ୱର,୨୯ ।୧(ସମିସ): ରେମୁଣା ବିଦ୍ୟାଧରପୁର ସ୍ଥିତ ସରକାରୀ ପଲିଟେକନିକ ପରିସରରେ ଆଞ୍ଚଳିକ ପଲିଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶାର ବିଭିନ୍ନ ସରକାରୀ,ବେସରକାରୀ ପଲିଟେକନିକ ଏବଂ ଅନୁଷ୍ଠାନର ୧୮ଟି ପଲିଟେକନିକରୁ ଏକହଜାର ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଉକ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା ଭାବନା, ସାଂସ୍କୃତିକ ଆଦାନ ପ୍ରଦାନ, ଏକତା ଓ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶକୁ ପ୍ରୋତ୍ସାହନା ଦେବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ସରକାରୀ ପଲିଟେକନିକର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ଜେନା ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ପଲିଫେଷ୍ଟ ସୁଚାରୁ ରୂପେ ପରିଚାଳନା ତଥା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବା ସହ କ୍ଷେତ୍ର ସ୍ତରୀୟ ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ବିଷୟ ବସ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗତିକୃଷ୍ଣ ସାହୁ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଏବଂ ପଲିଟେକନିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା, ଆଥଲେଟିକ, ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶେଷ ଦିନରେ ଉଦଯାପନୀ ଉତ୍ସବରେ ସମସ୍ତଙ୍କୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କୁହାଯାଇଛି।

# କିଶୋର ଓ କିଶୋରୀଙ୍କ ପ୍ରତିଭା ଚୟନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୯ ।୧(ସମିସ): କିଶୋର ଓ କିଶୋରୀମାନଙ୍କ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଆୟୋଜିତ ଏହି ପ୍ରତିଯୋଗିତାରେ ଗଣମାଧ୍ୟମରେ ରିଲସ ତିଆରି, ଶାରୀରିକ ଅଭିବୃଦ୍ଧି ଖେଳ ସମ୍ପର୍କରେ ପ୍ରତିଯୋଗୀମାନଙ୍କୁ ଉପ ନଗରପାଳ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ବେହେରା, ସିଡିପିଓ ପ୍ରଭାବତୀ ନନ୍ଦ, ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ



ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ପ୍ରତିଭା ଚୟନ କାର୍ଯ୍ୟକ୍ରମ ପୌରପାଳିକାର ଆଇସିଡିଏସ ତରଫରୁ ସଂଗୀତ, ଚିତ୍ରାଙ୍କନ, ସାମାଜିକ ଆତ୍ମନିର୍ଭର ହେବା ପାଇଁ କୌଶଳ, ପ୍ରତିଯୋଗିତା ହୋଇଥିଲା। କୃତୀ କୈଳାଶ ସେଠି, ଜିଲ୍ଲା ସମାଜ ମଙ୍ଗଳ ପ୍ରକଳ୍ପ ଅଧିକାରିଣୀ ସୁବର୍ଣ୍ଣମଣି ଉବାଚକ ମହାନ୍ତି, ପ୍ରଶାନ୍ତ କୁମାର ରାଉତ କରିବା ସହିତ ପୁରସ୍କୃତ କରିଥିଲେ।

# ରେମୁଣା ମହୋତ୍ସବର ପଞ୍ଚମ ସନ୍ଧ୍ୟା

ରେମୁଣା,୨୯ ।୧(ସମିସ): ରେମୁଣା ମହୋତ୍ସବ ୨୦୨୬ର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ରେମୁଣା ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଭାବେ ବିଟିସିସି ଅଧ୍ୟକ୍ଷ ନରେନ୍ଦ୍ର ବିହାରି ଦାସ, ସଭାପତି ଭାବେ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ଦାସ ରମଣୀୟ ରେମୁଣାର ଐତିହ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। କୁଇଜ କମ୍ପିଟିସନ, କଲଚୁରାଲ ପ୍ରୋଗ୍ରାମ, ନୃତ୍ୟ ପ୍ରତିଭା ଏବଂ ସନ୍ଧ୍ୟାକୁ ଭୁବନେଶ୍ୱରର ପ୍ରସିଦ୍ଧ ରାଇଜିଂ ଷ୍ଟାର ଡ୍ୟାନ୍ସ ଗ୍ରୁପ ତାଙ୍କର ନୃତ୍ୟ ଓ ଗୀତ ଦ୍ୱାରା ଦର୍ଶକଙ୍କୁ ବିମୋହିତ କରିଥିଲେ। ସମର୍ଜିତ ମହାରଣା ଧନ୍ୟବାଦ ଦେଇଥିଲେ।

**● ରାଜ୍ୟସ୍ତରୀୟ କମ୍ପ୍ୟୁଟିଂ ଅଲମ୍ପିଆଡ୍-୨୦୨୬**

# ଏଫ୍ଏମ୍ ଜୁନିୟର କଲେଜର ଛାତ୍ର ରାମକୃଷ୍ଣ ମାଇତିଙ୍କ ସଫଳତା

ବାଲେଶ୍ୱର,୨୯ ।୧(ସମିସ): ବାଲେଶ୍ୱରର ପ୍ରତିଷ୍ଠିତ ଫକୀରମୋହନ ଜୁନିୟର କଲେଜର ବିଜ୍ଞାନ ବିଭାଗର ଛାତ୍ର ରାମକୃଷ୍ଣ ମାଇତି ରାଜ୍ୟସ୍ତରୀୟ କମ୍ପ୍ୟୁଟିଂ ଅଲମ୍ପିଆଡର ଗଣିତ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଭୁବନେଶ୍ୱରସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଇଞ୍ଜିନିୟରିଂ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ରାମକୃଷ୍ଣ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି କଲେଜ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ ଯେ,ଏହି ଅଲମ୍ପିଆଡ୍‌ରେ ରାଜ୍ୟର ବିଭିନ୍ନ



ପ୍ରାନ୍ତରୁ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାମକୃଷ୍ଣଙ୍କ ସଫଳତା ପାଇଁ କଲେଜ କର୍ତ୍ତୃପକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି। କଲେଜର ଅଧ୍ୟକ୍ଷ ଡକ୍ଟର ସୋନାଲିସା ମହାନ୍ତି, ରସାୟନ ବିଜ୍ଞାନର ମୁଖ୍ୟ ଅଙ୍କିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ତାଙ୍କର ଏହି କୃତିତ୍ୱ ପାଇଁ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

# ଝୋଟି ମହୋତ୍ସବର ପୁରସ୍କାର ବିତରଣ ଉତ୍ସବ

ବାଲେଶ୍ୱର,୨୯ ।୧(ସମିସ)



ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ପକ୍ଷରୁ ବାଲେଶ୍ୱରରେ ପଥପ୍ରାନ୍ତ ଝୋଟି ମହୋତ୍ସବ ପ୍ରତିଯୋଗୀତା, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲ୍ଲାରୁ ଉଭୟ ମହିଳା ଓ ଯୁବତୀଙ୍କୁ ମିଶାଇ ଶତାଧିକ ପ୍ରତିଯୋଗୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଜି ସକାଳେ ସହରର ପୁଲିସ ଲାଇନ ଛକ ନିକଟରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମହିଳା ମାନେ ଅତି ସୁନ୍ଦର ଭାବେ ଲକ୍ଷ୍ମୀପାଦ, ପଦ୍ମଫୁଲ, ଧାନସିଝା ଭଳି ଝୋଟିରେ ବିଭିନ୍ନ ପ୍ରକାରର ଚିତା ଆଙ୍କିଥିଲେ। ସେହିପରି ମୟୂରଭଞ୍ଜ ଜିଲ୍ଲା ବାରିପଦାରୁ ଚାନ୍ଦିନୀ ଖାତୁନ ନାମକ ଜଣେ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ ସହ ଓଡ଼ିଆ ଘରର ଝୋଟି ପ୍ରଦର୍ଶନ କରିଥିଲେ। ସେ ଝୋଟିରେ ମା' ଗଜଲକ୍ଷ୍ମୀଙ୍କ ପାଦ ଚିହ୍ନ, ହାତୀ ଓ ପଦ୍ମ ଆଙ୍କିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗୀମାନଙ୍କ ଦ୍ୱାରା ଅଙ୍କା ଯାଇଥିବା ଚିତାକୁ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଅନ୍ୟତମ ଅତିଥି ଭାବେ ଏଥିରେ ଯୋଗଦେଇ ଓଡ଼ିଆ ଘରର କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଆୟୋଜିତ ପାରମ୍ପରିକ ଝୋଟି ମହୋତ୍ସବର ଆୟୋଜକଙ୍କ ଉଦ୍ୟମକୁ ସାଧୁବାଦ ଦେଇଥିଲେ। ପ୍ରତିଯୋଗିତା ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବସ୍ତା ବିଧାୟିକା ଶ୍ରୀମତୀ ଜେନା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲ୍ଲାସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସଙ୍ଗଠନ ପକ୍ଷରୁ ଚାନ୍ଦିନୀ ଖାତୁନଙ୍କୁ ଦୁଇହଜାର ଟଙ୍କା ଓ ପ୍ରମାଣ ପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ସଭାପତି ଅଞ୍ଜଳି ପଣ୍ଡା, ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ ପ୍ରତିଯୋଗିତା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ରେମୁଣା ଗୁଳିକାଣ୍ଡ, ଗୁରୁତରଙ୍କୁ କଟକ ସ୍ଥାନାନ୍ତର

ବାଲେଶ୍ୱର,୨୯।୧(ସମିସ): ଗତକାଲି ରାତିରେ ରେମୁଣା ମହୋତ୍ସବ ଚାଲିଥିବା ବେଳେ ଗୁଳିକାଣ୍ଡ ଘଟିଥିଲା। ଜଣେ ଯୁବକଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଦୂର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ଯୁବକ ଜଣଙ୍କ ଘଟଣା ସ୍ଥଳରେ ପଡ଼ି ଯାଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତ ଯୁବକ ଜଣଙ୍କ ହେଉଛନ୍ତି ପରମାନନ୍ଦ ଦାସ। ସେ ବାଲେଶ୍ୱର ସହରର ଚଣ୍ଡୀପୁର ଥାନା ଗବଗାଁ ଅଞ୍ଚଳର ବୋଲି ଜଣା ଯାଇଛି। ଯୁବକଙ୍କ ଡାହାଣ ହାତରେ ଗୁଳି ମାଡ଼ ହୋଇ ପେଟ ଉପର ଅଂଶରେ ଲାଗିଥିଲା। ପ୍ରଥମେ ବାଲେଶ୍ୱର ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ବାଇକ୍ ରଖିବାକୁ ନେଇ ସାମାନ୍ୟ ବଚସାରୁ ପାଟିତୁଣ୍ଡ ହେବା ପରେ ଗୁଳିକାଣ୍ଡ ଘଟିଥିଲା। ଅନ୍ୟପଟେ ଏହି ଘଟଣା ରେ ରେମୁଣା ମହୋତ୍ସବ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଜଗନ୍ନାଥପୁର ଗ୍ରାମର ଦମୟନ୍ତୀ ପାଳ ଏବଂ ସନ୍ତୋଷ ଦାସଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିଜମାକୁ ନେଇ ବିବାଦ ଥିଲା। ଏଥିରେ ଜଗନ୍ନାଥ ଦାସଙ୍କ ପୁଅ ସୁଶାନ୍ତ ଦମୟନ୍ତୀଙ୍କ ପରିବାରକୁ ସାହାଯ୍ୟ କରୁଥିଲେ। ଏଣୁ ସୁଶାନ୍ତଙ୍କୁ ଟାର୍ଗେଟ କରିଥିଲେ ସନ୍ତୋଷ। ଗତ ବୁଧବାର ରାତିରେ ସୁଶାନ୍ତ ଗାଁ ଯୁବକଙ୍କ ସହ ପାଖ ପଡ଼ିଆରେ ବସିଥିବା ବେଳେ କିଛି ଯୁବକ ସେମାନଙ୍କୁ ଘେରି ଯାଇ କେବଳ ସୁଶାନ୍ତଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଯେଉଁମାନେ ସନ୍ତୋଷଙ୍କ ଶଶୁର ଘର ଚାନ୍ଦିପୁର ଥାନା ଅଧିନ ଗବଗାଁର ବାସିନ୍ଦା ଅଟନ୍ତି ବୋଲି ଗ୍ରାମବାସୀ କହନ୍ତି। ଏହି ଗୋଷ୍ଠୀ ସଂଘର୍ଷରେ ଦୁଇ ରାଉଣ୍ଡ ଗୁଳି ଫୁଟିଥିଲା। ଗୋଟିଏ ରାଉଣ୍ଡ ଫାଙ୍କା ଥିବା ବେଳେ ଅନ୍ୟଟି ପରମାନନ୍ଦ (ଗବଗାଁ) ଙ୍କ ଡାହାଣ ହାତରେ ବାଜିଥିଲା। ଅନ୍ୟପଟେ ପୁଲିସ ପକ୍ଷରୁ କିଛି ଯୁବକଙ୍କୁ ପଚରା ଉଚୁରା ସହ ତଦନ୍ତ ଚାଲିଥିବାର ଜଣାପଡ଼ିଛି।

## ବେଆଇନ ରନ୍ଧନ ଗ୍ୟାସ ଟାଙ୍କି ଗୋଦାମରେ ଯୋଗାଣ ବିଭାଗର ଚଢ଼ଉ

# ୨ଟି ସ୍ଥାନରୁ ୩୫୩ ଟାଙ୍କି ଜବତ

ଚନ୍ଦନେଶ୍ୱର,୨୯।୧(ସମିସ)

ଦୀର୍ଘ ବର୍ଷ ଧରି ଭୋଗରାଇ ଅଞ୍ଚଳରେ ବେଆଇନ ଭାବେ ଏଲପିଜି ଗ୍ୟାସ ଚୋରା ଚଲାଣ ହେଉଥିଲା। ତେବେ ଗତ ବୁଧବାର ଯୋଗାଣ ବିଭାଗ ପକ୍ଷରୁ କେତେକ ବେଆଇନ ସିଲିଣ୍ଡର ଗୋଦାମ ଉପରେ ଅଚାନକ ଚଢ଼ଉ କରିଥିବା ଜଣାପଡ଼ିଛି। ଆଉ ଏଥିରେ ବିଭାଗକୁ ବ୍ୟାପକ ସଫଳତା ମିଳିଛି। ଗାଁ ମଝିରେ ଚାଲୁଥିବା ଏହି ବେଆଇନ କାରବାରରେ ୨ଟି ସ୍ଥାନରୁ ୩୫୩ଟି ଟାଙ୍କି ସହ ଗ୍ୟାସ କନଭଟର ମେସିନ ଜବତ ହୋଇଥିବା ବେଳେ ମାଫିଆମାନେ ଫେରାର ଥିବା କଥା ଭୋଗରାଇ ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ପ୍ରକାଶ କରିଛନ୍ତି। ଏହି ଖବର ସମଗ୍ର ଭୋଗରାଇରେ ବେଆଇନ କାରବାର କରୁଥିବା ଗ୍ୟାସ ଦୋକାନୀମାନଙ୍କ ମଧ୍ୟରେ କୋକୁଆ ଭୟ ଖେଳାଇ ଦେଇଛି।



ମିଳିଥିବା ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ହାଟ ବଜାର ଠାରୁ ଆରମ୍ଭ କରି ଛକ ମାନଙ୍କରେ ବେଆଇନ ଭାବେ ଗ୍ୟାସ ବ୍ୟବସାୟ ଚାଲୁଥିଲା। ଭୋଗରାଇର ଦେଉଳା ପଂଚାୟତ ଅଧୀନ ଶୁଆଶୁଣି ଗାଁରେ ଥିବା ବିଦ୍ୟାଳୟର ଗୋଟିଏ ପଟେ ସଞ୍ଜୟ କୁମାର ଦାସ ଓରଫ ଦୀପୁ ଏବଂ ଆରପଟେ ଜଗନ୍ନାଥ ଦାସ ଏହି ବେଆଇନ ଗ୍ୟାସ କରବାର କରି ଆସୁଥିଲେ। ଏହି ବ୍ୟବସାୟୀମାନେ ଘରୋଇ ଗ୍ୟାସକୁ କମରସିଆଲ ଟାଙ୍କିରେ ପୁରାଇ ଅଧିକ ଦାମରେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି। ସେମାନେ ବେଆଇନ ଭାବେ ଗ୍ୟାସ କନଭଟର ମେସିନ ବ୍ୟବହାର କରିବା ସହିତ ସିଲିଣ୍ଡରରେ ନକଲି ସିଲ ମଧ୍ୟ କରୁଥିଲେ। ଖବର ପାଇ ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡାଙ୍କ ନେତୃତ୍ୱରେ ସଦର ଯୋଗାଣ ଅଧିକାରୀ ସୁଶାନ୍ତ ସାହୁ ଏବଂ ଭୋଗରାଇ ଯୋଗାଣ ଅଧିକାରୀ ଶ୍ରୀ ରଥ ସଦଳବଳେ ଚଢାଉ କରିଥିଲେ। ଅଧିକାରୀମାନଙ୍କୁ ଦେଖି ସମ୍ପୃକ୍ତ ବ୍ୟବସାୟୀଙ୍କ ଘରର ଲୋକେ ଭିତରପଟୁ କବାଟ ବନ୍ଦ କରି ଗ୍ୟାସ କନଭଟରକୁ ଏକ ବୁଦାକୁ ପକାଇ ଫେରାର ହୋଇ ଯାଇଥିଲେ। ପରେ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା ମଧ୍ୟ ପହଂଚି ଥିଲେ। ପ୍ରାୟ ୧୨ ଘଣ୍ଟାର ତଦନ୍ତ ପରେ ୩୫୩ ସିଲିଣ୍ଡର ଜବତ କରାଯାଇଥିଲା। ଗାଁ ମଝିରେ, ଜନ ବସତି ଭିତରେ ଏଭଳି ବେଆଇନ ଭାବେ ଗ୍ୟାସ କାରବାରକୁ କିଭଳି ପ୍ରଶାସନ ଆଖି ବୁଜି ଦେଇଥଲେ ତାକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି ସେତିକି ନୁହେଁ, ବିଭିନ୍ନ ସ୍ଥାନରେ ବେଆଇନ ବ୍ୟବସାୟୀ ମାନେ ଗ୍ୟାସକୁ ଗୋଟିଏ ଟାଙ୍କିରୁ ଅନ୍ୟ ଟାଙ୍କିକୁ ପୁରାଇ ତାକୁ ଚଢା ଦରରେ ବିକ୍ରି କରୁଛନ୍ତି। ଘରୋଇ ଗ୍ୟାସକୁ ବ୍ୟବସାୟୀମାନଙ୍କ ଠାରୁ ଆରମ୍ଭ କରି ପିକନିକ ପାଇଁ ପର୍ଯ୍ୟଟକଙ୍କୁ ଅଧିକ ଦାମରେ ବିକ୍ରି କରି ମାଲେମାଲ ହେଉଛନ୍ତି ଏ ନେଇ ଯୋଗାଣ ବିଭାଗକୁ ସତର୍କ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜଳେଶ୍ୱର ପ୍ରିମିୟର ଲିଗ ସିଜିନ-୫ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ

ଜଳେଶ୍ୱର, ୨୯।୧ (ସମିସ): ଇଣ୍ଡିଆନ ପ୍ରିମିୟର ଲିଗ ଢାଂଚାରେ ଜଳେଶ୍ୱର ପୌରାଂଚଳର ଶାସନବାଡ ହାଜିବାବା ଆଥଲେଟିକ କ୍ଲବ ଦ୍ୱାରା ପ୍ରତିବର୍ଷ ଖେଳା ଯାଉଥିବା ଜଳେଶ୍ୱର ପ୍ରିମିୟର ଲିଗ (ଜେପିଏଲ) ଟୁର୍ଣ୍ଣାମେଣ୍ଟର ସିଜିନ-୫ ଶାସନବାଡସ୍ଥିତ ଦହଣ ପଡିଆ ଠାରେ ଆଜି ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବିଜେପିର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱରର ବିଜେପି ଯୁବ ନେତା ରାଜେଶ କୁମାର ଖଟୁଆ, କାଳିଚରଣ ଦାସ, ତାପସ ପାଣିଗ୍ରାହୀ, ସେଖ ହାସିରୁଦ୍ଦିନ ବକ୍ସ, ସେଖ ସିରାଜ ମହମ୍ମଦ, ସେକ ସମୀର, ୭ନଂ ୱାର୍ଡ କାଉନସିଲର ମୀର ଆବାସ ଅଲ୍ଲୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଖେଳାଳି ମାନଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୦



ଓଭର ବିଶିଷ୍ଟ ହୋଇଥିବା ବେଳେ ୬ଟି ଦଳ ଭାଗ ନେଇଛନ୍ତି। ସେମାନେ ହେଲେ ପଦ୍ମା ଇଲେଭେନ, ରେଡ ରୋଜ, ୟୁନିକ ଷ୍ଟାର, ରାଇଜିଂ ମୋନ, ଡାଇମଣ୍ଡ ଏକାଦଶ, ଜେସିସି ପଲଟନ ଦଳ ଭାଗ ନେଇଥିବା ବେଳେ ଆଜିର ପ୍ରଥମ ଖେଳରେ ପଦ୍ମା ଇଲେଭେନ ସହିତ ରେଡ ରୋଜ ଅଂଶଗ୍ରହଣ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ହରୀଶ ଭଟ୍ଟାଚାର୍ଯ୍ୟ ଓ କୌଶିକ ଘଡାଇ ଏମ୍ପାୟାର ଭାବେ ଖେଳ ପରିଚାଳନା କରୁଥିବା ବେଳେ ଖେଳର ଧାରା ବିବରଣୀ ପ୍ରଦାନ କରିବେ ମୀର ଆବାସ ଅଲ୍ଲୀ ଓ ନବି ଜୁଦ୍ଦିନ ଏବଂ ସ୍କୋରର ଭାବେ ମୀର ନିଜାମୁଦ୍ଦିନ ଦାୟିତ୍ୱ ତୁଲାଉଥିବା ଜଣାଯାଇଛି। କ୍ଲବର ସଭାପତି ସେଖ ଅବତାପ, ସମ୍ପାଦକ ମୀର ଜାଭେଦ, କୋଷାଧ୍ୟକ୍ଷ ଜୁବେର ଅହମ୍ମଦ କାଦରୀଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନାନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟର କିଛି ଦିନ ପୂର୍ବରୁ ଖେଳାଳି ମାନଙ୍କର ନିଲାମ ପ୍ରକ୍ରିୟା ଶେଷ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ୬ଟି ଦଳର ମୁଖ୍ୟ ମାନେ ଏହି ନିଲାମ ପ୍ରକ୍ରୀୟାରେ ଭାଗ ନେଇ ଖେଳାଳିମାନଙ୍କୁ ନିଜ ନିଜ ଦଳପାଇଁ ଚୟନ କରିଥିଲେ।

## ବେଆଇନ୍ ବାଲି ପରିବହନ; ଡମ୍ଫର ସହ ଟ୍ରାକ୍ଟର ଜବତ

ଜଳେଶ୍ୱର, ୨୯।୧ (ସମିସ) : ଆଜି ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ବେଆଇନ୍‌ଭାବେ ପରିବହନ କରୁଥିବାର ଜାଣି ତହସିଲଦାର ସତ୍ୟଜିତ୍ ମହାନ୍ତି ଚଢ଼ଉ କରିଥିଲେ। ବେଆଇନ୍ ବାଲି ପରିବହନ କରୁଥିବା ଡମ୍ଫର ଓ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ୍ କରି ନାମ୍ପୋ ଫାଣ୍ଡିକୁ ହସ୍ତାନ୍ତର କରାଯାଇଛି ବୋଲି ତହସିଲଦାର କହିଛନ୍ତି। ଆସନ୍ତାକାଲି ଗାଡିଗୁଡିକ ମାଇନିଂ ବିଭାଗକୁ ହସ୍ତାନ୍ତର ପରେ ଫାଇନ୍ ଆଦାୟ ହେବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ପ୍ରତିଦିନ ହଜାର ହଜାର ଗାଡି ବାଲି ବେଆଇନ୍‌ଭାବେ ପରିବହନ ହେଉଥିବା ଜଣାଯାଇଛି।

# ୪ ବାଲି ବୋଝେଇ ଡମ୍ଫର ଜବତ, ଚାଳକ ଗିରଫ

ଚନ୍ଦନେଶ୍ୱର, ୨୯।୧ (ସମିସ): ଚିନ୍ତାରେ ପଡିଛନ୍ତି ବାଲି ମାଫିଆ। ଦୀର୍ଘ ଦିନ ଧରି ପଶ୍ଚିମବଙ୍ଗକୁ ଚୋରାରେ ବାଲି ଚାଲାଣ କରି ମାଲେମାଲ ହେଉଥିବା ମାଫିଆମାନଙ୍କ ମନରେ ଛନକା। ଭୋଗରାଇ ବ୍ଲକ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣାଙ୍କ ତୀକ୍ଷ୍ଣ ନଜର ଏବେ ବାଲି ମାଫିଆଙ୍କ ଉପରେ। ଓଡିଶାରୁ



ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ଅଭୋର ଲୋଡିଂ ୪ଟି ବାଲି ବୋଝେଇ ଡମ୍ଫରକୁ ଜବତ କରିବା ସହ ସମ୍ପୃକ୍ତ ଚାଳକମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହା ଛଡା ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଏ ନେଇ ସାମୁଦ୍ରିକ ଥାନାରେ ପୃଥକ ମାମଲା ରୁଜୁ ହୋଇଥିବା କଥା ଥାନା ଅଧିକାରୀ ଶ୍ରୀ ମହାରଣା ପ୍ରକାଶ କରିଛନ୍ତି। ସୁବର୍ଣ୍ଣରେଖାକୁ ତାଡି ନେଲେଣି ବାଲି ମାଫିଆ।ଜଳେଶ୍ୱରରୁ ଭୋଗରାଇ ନଦୀର ବିଭିନ୍ନ ଘାଟରୁ ପ୍ରତିଦିନ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଡମ୍ଫର ଓ ଟ୍ରାକ୍ଟର ଯୋଗେ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି।ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଦେଇ ଲଘୁ ଖଣିଜ ସମ୍ପଦ ବେଆଇନ ଭାବରେ ଚାଲାଣ ମଧ୍ୟ ଖଣି, ରାଜସ୍ୱ ଓ ପୋଲିସ ପ୍ରଶାସନ ନିଦାବିଷ୍ଟୁ ସାଜିଛନ୍ତି। ଉଦୟପୁର ନାମରେ ପ୍ରତ୍ୟେକ ଦିନ ଚାଲିଛି ଶହ ଶହ ବାଲି ବୋଝେଇ ଡମ୍ଫର। ଉଦୟପୁରକୁ ଆସୁଥିବା ବାଲି କୁଆଡେ ଯାଉଛି, କଣ ହେଉଛି ସେନେଇ କୌଣସି ତଦନ୍ତ ହେଉନାହିଁ। ଆଉ ମାଫିଆମାନେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରି ପକେଟ ଗରମ କରି ଚାଲିଛନ୍ତି। ଏହା ଉପରେ ରୋକ ଲଗାଇଛନ୍ତି ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ। ସାହାବାଜିପୁର ସୀମା ଦେଇ ପଶ୍ଚିମବଙ୍ଗକୁ ଯାଉଥିବା ବାଲି ବୋଝେଇ ଡମ୍ଫରକୁ ଅଟକାଇ କାଗଜପତ୍ର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ୪ ଟି ବାଲି ବୋଝେଇ ଡମ୍ଫର ଥାନାରେ ଅଟକ ରହିଛି। ଭୋଗରାଇ ଗଦାଧରପୁର ଗାଁର ବାଦଲ ନାଥଙ୍କ ପୁଅ ଶଙ୍କର (୩୧), ସାନଦେଘରୀ ଗାଁର ଜଗନ୍ନାଥ ଗିରିଙ୍କ ପୁଅ ପ୍ରଭାକର (୩୮), ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲ୍ଲା କଣ୍ଟାଇ ଥାନା ଅଧୀନ ବାଗଡିହା ଗାଁର ସୁବିମଳ ଦଳାଇଙ୍କ ପୁଅ ତାପସ କୁମାର ଦଳାଇ (୩୪) ଓ ଜଳେଶ୍ୱର ଥାନା ଶାନ୍ତିଆ ଗାଁର ବିମଳ ସାହୁଙ୍କ ପୁଅ ବିଶ୍ୱନାଥ (୪୮) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ପଞ୍ଚାମୁଣ୍ଡାଇ କଲେଜର ଛାତ୍ରଛାତ୍ରୀଙ୍କୁ ଫକୀରମୋହନ ସାହିତ୍ୟ ପରିଷଦରେ ଭବ୍ୟ ସମ୍ବର୍ଦ୍ଧନା



ବାଲେଶ୍ୱର,୨୯।୧(ସମିସ): ପଞ୍ଚାମୁଣ୍ଡାଇ କଲେଜ, କେନ୍ଦ୍ରାପଡାର ଓଡ଼ିଆ ବିଭାଗର ମୁଖ୍ୟ ଡ. ପ୍ରମୋଦ କୁମାର ସ୍ୱାଇଁ ଓ ପାଞ୍ଚଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ନେତୃତ୍ୱରେ ୪୦ ଜଣ ଛାତ୍ରଛାତ୍ରୀ ଶୈକ୍ଷିକ ଭ୍ରମଣରେ କବିତୀର୍ଥ ଶାନ୍ତିକାନନକୁ ଆସିଥିଲେ। ଫକୀରମୋହନଙ୍କ ଜୀବନ, ସାହିତ୍ୟ ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ଅବଗତ ହେବା ପାଇଁ ଆଗମନ କରିଥିଲେ। ସେମାନଙ୍କର ଅଭ୍ୟର୍ଥନା ନିମିତ୍ତ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ବିଷୟ ବିଶାରଦମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଡ. ସୁବାସ ଚନ୍ଦ୍ର ପାତ୍ର ସଭାର ପୌରୋହିତ୍ୟ କରିଥିବା ବେଳେ ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ବିଷୟ ବିଶାରଦ ରୂପେ ଫକୀରମୋହନ ସେନାପତିଙ୍କ ଜୀବନ, ଗଳ୍ପ, ଉପନ୍ୟାସ ଓ କବିତା ଉପରେ ଗବେଷଣା ଧର୍ମୀ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ରଖିବା ସହ ଫକୀରମୋହନ ସେନାପତିଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ପରିଷଦ ତରଫରୁ ଡ. ପ୍ରମୋଦ କୁମାର ସ୍ୱାଇଁଙ୍କୁ ଉପଢ଼ୌକନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ରାଜେଶ କୁମାର ଗିରି ଧନ୍ୟବାଦ ଦେଇଥିଲେ।

# ବିଜେଡିର ଆନ୍ଦୋଳନ ପ୍ରତ୍ୟାହୃତ

ନୀଳଗିରି, ୨୯।୧ (ସମିସ): ଦୁଇଦିନ ଧରି ନୀଳଗିରି ବିଜେଡିର ଲୋକପ୍ରତିନିଧି ମାନେ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଆଜି ଏହି ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାରୁ ପ୍ରକାଶ ବିଗତବର୍ଷ ମାନଙ୍କରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ବିଭିନ୍ନ ଯୋଜନାରେ ଆସିଥିବା ସରକାରୀ ଅର୍ଥକୁ ବିଭାଗୀୟ ଅଧିକାରୀ ସ୍ଥାନୀୟ ପଞ୍ଚାୟତସମିତିର ଲୋକପ୍ରତିନିଧିମାନଙ୍କୁ ଅଗୋଚରରେ ରଖି ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ପୃଷ୍ଠପୋଷକତା କରି କାର୍ଯ୍ୟାଦେଶ ଦେଉଥିଲେ। ଏହାକୁ ବିରୋଧକରି କିଛି ପଞ୍ଚାୟତସମିତି ପ୍ରତିନିଧି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କୁ ଫେରାଦ ହୋଇଥିଲେ। ଗତ ୨୮ ତାରିଖ ବୁଧବାର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ





ପଞ୍ଚାୟତ ସମିତି ଅଧୀନସ୍ଥ ସରପଞ୍ଚ ଓ ସଭ୍ୟମାନେ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆଜି ଦ୍ୱିତୀୟ ଦିବସରେ ଧାରଣା ଜାରି ରହିଥିବା ବେଳେ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ମଧୁସ୍ମିତା ସାମନ୍ତରାୟ ପହଞ୍ଚି ସମସ୍ତ ଚାଲୁ ରହିଥିବା ଉନ୍ନୟନକାର୍ଯ୍ୟ ଯଥା ପ୍ରଧାନମନ୍ତ୍ରୀ ଆଦି ଆଦର୍ଷ ଯୋଜନା, ମୁଖ୍ୟମନ୍ତ୍ରୀ ଉନ୍ନୟନଯୋଜନା, ସ୍ୱତନ୍ତ୍ର ଉନ୍ନୟନ ଯୋଜନା ଆଦି ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥରାଶି କାର୍ଯ୍ୟ ଚାଲୁରହିବ ଏବଂ କାମ ହୋଇନଥିବା କାର୍ଯ୍ୟଗୁଡ଼ିକ ସ୍ଥାନୀୟ ସାଂସଦଙ୍କ ଉପସ୍ଥିତିରେ ବିଚାରବିମର୍ଷ କରି ସହଯୋଗିତାରେ କାର୍ଯ୍ୟ ସମ୍ପାଦନ କରାଯିବବୋଲି ପ୍ରତିଶ୍ରୁତି ଦେବାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା,୨୯ ।୧(ସମିସ): ବାଲେଶ୍ୱର ଜିଲା ଖଇରା ଥାନା ବଡନୁଆଗାଁ ପଞ୍ଚାୟତ ଅଧୀନ ସଇଁ ଗ୍ରାମରେ ଦୀପକ ମହାପାତ୍ରଙ୍କ ସ୍ତ୍ରୀ ସୁଜାତା ସନ୍ଦେହ ଜନକ ଭାବେ ମୃତ୍ୟୁ ବରଣ କରିଛନ୍ତି। ଶ୍ୱଶୁର ଘର ଲୋକେ ଆତ୍ମହତ୍ୟା ବୋଲି କହୁଥିବା ବେଳେ କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ସଡା ଗ୍ରାମ ନିବାସୀ ତଥା ସୁଜାତାଙ୍କ ଭାଇ ରଶ୍ମିରଞ୍ଜନ ବେହେରା ଏହାକୁ ହତ୍ୟାକାଣ୍ଡ ବୋଲି ଖଇରା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଖଇରା ପୁଲିସ ପ୍ରାଥମିକ ତଦନ୍ତ ପରେ ସ୍ୱାମୀଙ୍କ ସମେତ ଶ୍ୱଶୁର, ଶାଶୁ, ନଣନ୍ଦଙ୍କ ସମେତ ୭ ଜଣଙ୍କ ନାମରେ ଏକ ମାମଲା ରୁଜୁ କରିଛି।

# ଅଗଣି ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଶିବିର

ଖଇରା,୨୯ ।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦ତାରିଖରେ ଆରମ୍ଭ ହୋଇଥିବା ଜାତୀୟ ସେବା ଶିବିର ୨୬ ତାରିଖ ଦିନ ଉଦ୍‌ଯାପିତ ହୋଇ ଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଗୋପିନାଥ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ୭ ଦିନ ଧରି ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ବୃକ୍ଷରୋପଣ, ନିଶାନିବାରଣ, ସାଇବର ଅପରାଧ, ସଡକ ସୁରକ୍ଷା,ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବାଲ୍ୟବିବାହ ଇତ୍ୟାଦି ବିଷୟରେ ନିକଟସ୍ଥ ଗ୍ରାମର ଅଧିବାସୀଙ୍କୁ ସଚେତନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ବନମାଳୀ ଉପାଧ୍ୟାୟଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ।

## ତୁଡିଗଡିଆ ନୀଳାମ୍ବର ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ

ଖଇରା,୨୯ ।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ସ୍ଥିତ ପିଏମଶ୍ରୀ ନିଳାମ୍ବର ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇ ଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ତଥା ସୁସାହିତ୍ୟକ ଅକ୍ଷିତ କୁମାର ଜେନା ମୁଖ୍ୟବକ୍ତା, ସରପଞ୍ଚ ମଦନମୋହନ ସାନ୍ତରା, ଏମ୍ବର ଗ୍ୟାଷ୍ଟ୍ରୋସଲ୍ୟ ଚିକିତ୍ସକ ଡା. ସୁନିତା ଗୁପ୍ତା, ଏସଏମସି ସଭାପତି ମହେଶ୍ୱର ନାଥ, ଆୟୁଷ ଡାକ୍ତର ରବିନାରାୟଣ ବେହେରା,ୱାର୍ଡସଭ୍ୟା ସବିତା ଗାହାଣ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଲୋଚନ ଘଡେଇ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ଆଲୁମିନି ସଭାପତି ଅମୂଲ୍ୟ ରାଉତ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ସୋନମ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅମୁଲ୍ୟ କୁମାର ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଜାତୀୟ କଳା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ



ଭୋଗରାଇ,୨୯।୧ (ସମିସ): ଭୋଗରାଇ ବ୍ଲକ ରସଲପୁର ପଞ୍ଚାୟତ ସେହି ଗ୍ରାମର କୁନି ପ୍ରତିଭା ସ୍ୱୟଂଦିବ୍ୟାଂଶୁ ପରିଡ଼ା ଜାତୀୟ ରଙ୍ଗୋତ୍ସବ ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭକରିବା ସହିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାର ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ୱୟଂଦିବ୍ୟାଂଶୁ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ଓ ମାତା ବ୍ରତତୀ ପରିଡ଼ା ଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ ବାଲେଶ୍ୱର ଡିଏଭି ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ ୩ ରେ ଅଧ୍ୟୟନରତ ଅଛନ୍ତି।

## ଆଞ୍ଚଳିକ ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଦିବସ

ଖଇରା,୨୯ ।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଦ୍ୟାଧରପୁର ଶାସନସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରାହ୍ମଣ ସମିତିର ୧୭ ତମ ପ୍ରତିଷ୍ଠା ଦିବସ ତଥା ପଣ୍ଡିତ ଶ୍ୟାମସୁନ୍ଦର ଶତପଥିଙ୍କ ଶ୍ରାଦ୍ଧବାର୍ଷିକୀ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପାଳିତ ହୋଇ ଯାଇଛି। ଜଳଧର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଆକାଶ ପଣ୍ଡା ବେଦ ପାଠ, ଦ୍ୱାରିକାନାଥ ଶତପଥି ସ୍ୱାଗତ ଭାଷଣ, ରମାକାନ୍ତ ଶତପଥି ବିବରଣୀ ପାଠ କରିଥିଲେ। ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଗୌରଚନ୍ଦ୍ର ପାଠୀ, ବୁଦ୍ଧିରାମ ପାଣିଗ୍ରାହୀ, ଦୈତାରୀ ପାଢୀ, ବିଷ୍ଣୁମୋହନ ଶତପଥି, ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ମଧୁସୁଦନ ଆଚାର୍ଯ୍ୟ, ଯଦୁନାଥ ନନ୍ଦ ଓ କରୁଣାକର ପଣ୍ଡା ପ୍ରମୁଖ ସୁସ୍ଥ ସମାଜ ଗଠନ ଦିଗରେ ବ୍ରାହ୍ମଣମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମାଣିତ୍ରୀ ଶାସନରେ ବ୍ରହ୍ମଯଜ୍ଞ ଆୟୋଜନ ଏବଂ ସେହିଦିନ ସାମ୍ବିଧାନିକ ସମ୍ମିଳନୀ ପାଇଁ ତାରିଖ ସ୍ଥିର କରିବା ଉପରେ ଆଲୋଚନା କରାଯାଇଥିଲା।

# ମୃତକଙ୍କ ସରକାରୀ ସହାୟତା ଟଙ୍କା ହଡ଼ପ ଅଭିଯୋଗ

ଜଳେଶ୍ୱର, ୨୯।୧ (ସମିସ)

ମୃତ ଲୋକର ଟଙ୍କା ଖାଇଗଲା ମାଲିକ। ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଥିବା ମାଲିକ ମଧ୍ୟ ଶେଷରେ ବିଶ୍ୱାସରେ ବିଷଦେଲା। ସାହାର୍ଯ୍ୟ କରିବା ଦୂରର କଥା ବରଂ ମାରି ଖାଇଗଲା ମୃତ ସ୍ୱାମୀକୁ ମିଳିଥିବା ସରକାରୀ ସହାୟତା ଅର୍ଥ। ଯାହାକୁ ନେଇ ଜଳେଶ୍ୱର ଥାନାରେ ମୃତ ବ୍ୟକ୍ତିର ବିଧବା ସ୍ତ୍ରୀ ରଇବାରୀ ହେମ୍ବ୍ରମ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଘଟଣାଟି ଘଟିଛି ଜଳେଶ୍ୱର ପୌରାଞ୍ଚଳ ୮ନଂ ୱାର୍ଡ ଫଂଚୁଘଣ୍ଟା ଗ୍ରାମର ଆଦିବାସୀ ସାହିରେ।

ସୂଚନାନୁଯାୟୀ ପୌରାଂଚଳ ସ୍ଥିତ ଫଂଚୁଘଣ୍ଟା ଗ୍ରାମର ରଇବାରୀ ହେମ୍ବ୍ରମ (୫୦) ଜଣେ ଆଦିବାସୀ ସମ୍ପ୍ରଦାୟର ମହିଳା ଅଟନ୍ତି। ତାଙ୍କର ସ୍ୱାମୀ ସ୍ୱର୍ଗତ ଦାକ୍ଷିନ ହେମ୍ବ୍ରମ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବେଳେ ୪ବର୍ଷ ପୂର୍ବେ ଜଳବୁଡିରେ ମୃତ୍ୟୁବରଣ କରିଥିଲେ। ଯେଉଁଥି ପାଇଁ ସରକାରଙ୍କ ନିୟମାନୁଯାୟୀ ୪ଲକ୍ଷ ଟଙ୍କା ଗତ ତା।୧୪/୧୦/୨୦୨୨ରିଖରେ ଜଳେଶ୍ୱର ୟୁନିୟନ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୭୦୬୫୦୨୦୧୦୦୧୧୬୪୩କୁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ମୁମ୍ବାଇ ସର୍ଭିସ ବ୍ରାଂଚରୁ ଏନ୍‌ଏଫ୍‌ଟି ଜରିଆରେ ପ୍ରଦାନ କରାଯାଇଥିଲା। ଯାହା ଓଡିଶା ରାଜ୍ୟ ଟ୍ରେଜେରୀ ଦ୍ୱାରା ପ୍ରାପ୍ତ ହୋଇଥିଲା। ଉକ୍ତ ଅର୍ଥ ପ୍ରାପ୍ତ ହେବା ପୂର୍ବରୁ ତାଙ୍କ ଆକାଉଣ୍ଟରେ ୮୯୦.୭୫ଟଙ୍କା ଥିଲା। ରଇବାରୀ ଜଣେ ଅଶିକ୍ଷିତ ମହିଳା ଯୋଗୁଁ ଦସ୍ତଖତ ଜାଣି ନ ଥିବା କାରଣରୁ ତାଙ୍କର ଟିପ ଚିହ୍ନ ଦ୍ୱାରା ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ତହସିଲଦାରଙ୍କ ପରାମର୍ଶ କ୍ରମେ ସ୍ୱାମୀଙ୍କ ମାଲିକ (ଶାସନବାଡ ଗ୍ରାମର ହରିହର ମହାପାତ୍ରଙ୍କ ପାଖରେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ) ରଇବାରୀକୁ ନେଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଇଥିଲେ। ଯେଉଁଥିରେ



ମୃତକଙ୍କ ପତ୍ନୀ ଥାନାର ଦ୍ୱାରସ୍ଥ

ଭବିଷ୍ୟତରେ କେବେ ଚେକ୍ ବୁକ କିମ୍ବା ଏଟିଏମ କାର୍ଡ ପ୍ରାପ୍ତ ହୋଇପାରିବ ନାହିଁ ବୋଲି ବ୍ୟାଙ୍କ ମ୍ୟାନେଜର କହିଥିଲେ। ଉକ୍ତ ଆକାଉଣ୍ଟରେ ରଇବାରୀର ବଡ ଝିଅ ଚମ୍ପା ହେମ୍ବ୍ରମ ନୋମିନି ରହିଥିଲେ। ରଇବାରୀ ନିରକ୍ଷର ହୋଇଥିବାରୁ ମାଲିକ ହରିହର ମହାପାତ୍ରଙ୍କ ଠାରେ ଉକ୍ତ ବ୍ୟାଙ୍କର ଖାତା ମହଜୁତ ରହିଥିଲା। ୧୪/୧୦/୨୦୨୨ ପରଠାରୁ କୌଣସୀ ଦିନ ରଇବାରୀ ବ୍ୟାଙ୍କ ଯାଇନାହିଁ କିମ୍ବା ଟଙ୍କା ଉଠାଣ ବା ଜମା କରିନାହାନ୍ତି। ମାତ୍ର ଆବଶ୍ୟକ ହେବା କାରଣରୁ ମାଲିକଙ୍କୁ ବ୍ୟାଙ୍କ ଖାତା ମାଗିବାରୁ ସେ ରୋକ ଠୋକ ମନା କରିଦେଲେ। କହିଲେ ତୋର ଯାହା ଦରକାର ମୁଁ ଟଙ୍କା ଉଠାଇ ଦେବି ତୁ କିଛି ଜାଣିନାହୁଁ କହି ଖାତା ଦେବାକୁ ମନା କରିଦେଲେ। ଯାହା ଫଳରେ ମନରେ ସନ୍ଦେହ ଜାତ ହେବାରୁ ରଇବାରୀ ଗ୍ରାମର ଦୁଇଜଣ ଭଦ୍ରଲୋକ ଓ ନିଜ ଭାଇଙ୍କୁ ନେଇ ତା୯/୧୨/୨୦୨୫ ରିଖ ଦିନ ବ୍ୟାଙ୍କକୁ ଯାଇ ମ୍ୟାନେଜରଙ୍କୁ ସବୁକଥା ଜଣାଇବାରୁ ୧୪/୧୦/୨୦୨୨ରୁ ୦୯/୧୨/୨୦୨୫ ପର୍ଯ୍ୟନ୍ତ ବ୍ୟାଙ୍କ ତା୯/୧୨/୨୦୨୫ ରିଖ ପର୍ଯ୍ୟନ୍ତ ଆକାଉଣ୍ଟର ଷ୍ଟେଟମେଣ୍ଟ ମଗାଇଥିଲେ। ଯେଉଁଥିରେ ଜଣାପଡିଲା ଯେ ମିଛ ଦସ୍ତଖତ ମାରି ରଇବାରୀ ନାମରେ ଏକ ଏଟିଏମ କାର୍ଡ ବାହାର କରି ଉକ୍ତ ଆକାଉଣ୍ଟରୁ ୧୫/୧୦/୨୦୨୨ରୁ ଆରମ୍ଭ କରି ୨୧/୧୧/୨୦୨୫ ମଧ୍ୟରେ ସମସ୍ତ ଟଙ୍କା ଉଠାଇ ନିଆଯାଇଛି ବୋଲି ବ୍ୟାଙ୍କ ମ୍ୟାନେଜର ଜଣାଇଥିଲେ। ତେଣୁ ରଇବାରୀ ତାର ସ୍ୱାମୀର ମାଲିକଙ୍କୁ ଦୋଷୀ ଭାବେ ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ଜଳେଶ୍ୱର ଥାନାରେ ଲିଖିତ ଆବେଦନ କରିବା ସହିତ ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି। ମାତ୍ର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଦୋଷୀ ବିରୁଦ୍ଧରେ କୌଣସୀ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଦିବାସୀ ଗରିବ ବିଧବା ମହିଳା ଦୁଃଖରେ ଭାଙ୍ଗି ପଡିଛନ୍ତି। ଘଟଣାର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ୪ଲକ୍ଷ ଟଙ୍କା ଫେରସ୍ତ ପାଇଁ ଗୁହାରୀ କରିଛନ୍ତି।

# ଅସ୍ଥାୟୀ ଟି.ପି ଦ୍ୱାରା ଲଘୁ ଖଣିଜ ଉତ୍ତୋଳନ ଦାବିରେ ଟ୍ରାକ୍ଟର ମାଲିକଙ୍କ ମେଳି

ତୁରୁମୁଙ୍ଗା, ୨୯।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡ଼ା ବ୍ଲକର ଟ୍ରାକ୍ଟର ମାଲିକ (ବୈତରଣୀ ଟ୍ରାକ୍ଟର ମାଲିକ ସଂଘ) ର ଗୁରୁବାର ପାଟଣା ଷ୍ଟାଡିୟମରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନର ମନଇଚ୍ଛା ଜରିମାନାକୁ ବିରୋଧ କରି ଟ୍ରାକ୍ଟର ମାଲିକଙ୍କ ଏହି ମେଳି ସଂଘର ସଭାପତି କୃଷ୍ଣଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପାଟଣା ଓ ସାହାରପଡ଼ା ତହସିଲ ଅଞ୍ଚଳରେ ସ୍ୱଳ୍ପ ସ୍ୱୀକୃତିପ୍ରାପ୍ତ ଲଘୁ ଖଣିଜ ସମ୍ପଦ ଉତ୍ସ ଖୋଲିବା ଏବଂ ବାଲି, ମୋରମ, ମାଟି, ପଥର ଖଣି ଥିବା ଅଞ୍ଚଳରେ ସରକାରଙ୍କ ଉନ୍ନୟନ କାର୍ଯ୍ୟ ପାଇଁ ଅସ୍ଥାୟୀ ଟି.ପି ଜରିଆରେ ଏହି କଞ୍ଚାମାଲ ଯୋଗାଇବା ନେଇ ସଂଘ ଗୁରୁତ୍ୱାରୋପ କରିଥିଲା। ଯଥେଷ୍ଟ ସଂଖ୍ୟକ ଲଘୁ ଖଣିଜ ସମ୍ପଦ ଉତ୍ସ ନଥିବାରୁ ବେଆଇନ୍ ଉତ୍ସରୁ ବାଲି ଉତ୍ତୋଳନ କଲେ ଖଣି ବିଭାଗ, ପୁଲିସ, ବନ ବିଭାଗ, ତହସିଲ ଅଧିକାରୀ ଚଢ଼ଉ କରି ଟ୍ରାକ୍ଟର ପିଛା ଲକ୍ଷାଧିକ ଟଙ୍କା ଜରିମାନା ଓ ଟ୍ରାକ୍ଟରଗୁଡ଼ିକୁ ଜବତ କରି ପାଟଣା ଥାନା ଓ ରେଞ୍ଜ କାର୍ଯ୍ୟାଳୟରେ ରଖିବାକୁ ବୈଠକରେ ନିନ୍ଦା କରାଯାଇଥିଲା। ତୁରନ୍ତ ଜିଲ୍ଲା ପ୍ରଶାସନ ବନ୍ଦ ଥିବା କ୍ୱାରୀକୁ ଅନୁମତି ଦେବା କିମ୍ବା ଅସ୍ଥାୟୀ ଅନୁମତି ଦେବା ଦାବିରେ ଫେବୃଆରୀ ୨ ତାରିଖ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବୈତରଣୀ ଟ୍ରାକ୍ଟର ମାଲିକ ସଂଘ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଛି। ଟ୍ରାକ୍ଟର ମାଲିକ



ସଙ୍ଘ ଉପସଭାପତି ଅମିତାଭ ସେଠୀ, ସମ୍ପାଦକ ଦିବ୍ୟଲୋଚନ ମହାନ୍ତ, ସହସମ୍ପାଦକ ରବିନାରାୟଣ ସାହୁ, କୋଷାଧ୍ୟକ୍ଷ ସୁନୀଲ ସେଠୀ, ପରାମର୍ଶଦାତା ପ୍ରହଲ୍ଲାଦ ପଲେଇ, ସୁବ୍ରତ ଦାଶ, ରମେଶଚନ୍ଦ୍ର ମହାନ୍ତ, ସୁଜିତ ଦାଶ, ହିମାଂଶୁ ଦାଶ, ମେଘନାଦ ମହାନ୍ତ, ଅମରେଶ ମିଶ୍ର, ଉଦିତ ନାରାୟଣ ଚୌଧୁରୀ, ଭରତଚନ୍ଦ୍ର ମହାନ୍ତ, ରଞ୍ଜିତ ମହାନ୍ତ, ଘନଶ୍ୟାମ ସାହୁଙ୍କ ସହ ଶତାଧିକ ଟ୍ରାକ୍ଟର ମାଲିକ ସାମିଲ ହୋଇଥିଲେ।

## ବହୁଚର୍ଚ୍ଚିତ ମଲ୍ଲି ଜେନା ହତ୍ୟା ମାମଲା

# ୮ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡାଦେଶ

ଆନନ୍ଦପୁର, ୨୯।୧ (ସମିସ)

ଆନନ୍ଦପୁର ଉପଖଣ୍ଡର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ଗାଁର ବହୁଚର୍ଚ୍ଚିତ ମଲ୍ଲି ଜେନା ହତ୍ୟାକାଣ୍ଡର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ହତ୍ୟା ଘଟଣାରେ ଅଭିଯୁକ୍ତ ମଦନ ମୋହନ ସାହୁ, ହରେକୃଷ୍ଣ ବୋଇତେଇ, ଅମରେଶ ରାଉତ, ସନ୍ତୋଷ ସାହୁ, ବଳରାମ ବେହେରା, ମାନସ ରଞ୍ଜନ ବେହେରା, ଭାଗିରଥୀ ପଲ୍ଲେଇ, ଅଞ୍ଜନ ରାଉତଙ୍କୁ ଦୋଷୀ ସାବ୍ୟସ୍ତ କରି ଏପରି ଦଣ୍ଡାଦେଶ ରାୟରେ ପ୍ରକାଶ ପାଇଛି। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଏହି ମାମଲାର ରାୟ ଶୁଣାଇ ଆଜି ସମସ୍ତ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ ସହ




୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୩ ମାସ ଦଣ୍ଡାଦେଶ ଶୁଣାଇଛନ୍ତି ଅଦାଲତ। ୨୦୨୩ ମାର୍ଚ୍ଚ ୨୨ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ମଲ୍ଲି ଜେନାଙ୍କୁ ଆକ୍ରମଣ କରିଥିବା ବିଷୟରେ ରାମଚନ୍ଦ୍ରପୁର ଥାନାରେ ଏତଲା ହୋଇଥିଲା। କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମଲ୍ଲିଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା ବେଳେ ସାକ୍ଷ୍ୟ-ପ୍ରମାଣ ଆଧାରରୋ ଉକ୍ତ ମାମଲାରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରୀ ଓକିଲ ସୌମିତ୍ରୀ ରାଉତ ମାମଲା ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ରାଇରଙ୍ଗପୁର/କରଞ୍ଜିଆ, ୨୯।୧(ସମିସ): କରଞ୍ଜିଆ ଥାନା ଅଞ୍ଚଳରେ ୪୯ ନମ୍ବର ଜାତୀୟ ରାଜପଥ ଦରି ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲା ଯଶିପୁର ଥାନା ଅନ୍ତର୍ଗତ ଏକତାଳି ପଞ୍ଚାୟତ ଧୁଡୁକୁ ଗ୍ରାମର ଆଶିଷ କୁମାର ନାଏକ ଓ ଆହତ ଯୁବକ ଜଣଙ୍କ ରାଜୁ ମହାନ୍ତି ବୋଲି ଜଣାପଡ଼ିଛି। ଆଶିଷ ଓ ରାଜୁ ବାଇକ୍ ଯୋଗେ ବଡ଼ବିଲରୁ ଗାଁକୁ ଫେରୁଥିବାବେଳେ ଦରି ନିକଟରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଥିଲେ।

## ଗାଡ଼ି ଧକ୍କାରେ ଜଣେ ମୃତ

ବାରିପଦା, ୨୯।୧(ସମିସ): ସ୍ଥାନୀୟ ଷ୍ଟେସନ ବଜାରରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବାରିପଦା ଟାଉନ ଥାନା ଅନ୍ତର୍ଗତ ପୋଡା ଅସ୍ତିଆ ଅଞ୍ଚଳର ରାଜ ସିଂ(୫୭)। ସେ ରାସ୍ତା ପାର ହେଉଥିବାବେଳେ ଏକ ଅଜଣା ଗାଡି ବେପରୁଆ ଭାବେ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ବନ କର୍ମଚାରୀଙ୍କୁ ଶିକାରୀଙ୍କ ଆକ୍ରମଣ

ରାଇରଙ୍ଗପୁର, ୨୯।୧(ସମିସ): ଯଶିପୁର ବନାଞ୍ଚଳରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କୁ ଶିକାରୀ ଅତର୍କିତ ଆକ୍ରମଣ କରିଛନ୍ତି। ସେମାନେ ବନ ବିଭାଗର ପିପି ସେଟ ଛଡ଼ାଇ ନେଇଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ଯଶିପୁର ଥାନାରେ ଅଭିଯୋଗ କରାଯାଇଛି। ବନ କର୍ମଚାରୀ ଦୀପକ ପ୍ରଧାନ ଓ ଦୁଇଜଣ ବନ ସହାୟକ ବୁଢ଼ୀ ଗାଁ-୧ ବିଟରେ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ସମୟରେ କିଛି ଶିକାରୀ ସହ ସେମାନଙ୍କର ମୁହାଁମୁହିଁ ହୋଇଥିଲା। ଯାହାକୁ ନେଇ ଶିକାରୀ ଧନୁ, ତୀର ଓ ପଥରରେ ଆକ୍ରମଣ କରିଥିଲେ। ସେମାନେ ଗୁରୁତ୍ୱର ଭାବେ ଆହତ ହୋଇଥିଲେ। ବନ କର୍ମଚାରୀଙ୍କ ପିପି ସେଟକୁ ମଧ୍ୟ ଶିକାରୀ ନେଇ ଯାଇଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ବନ କର୍ମଚାରୀଙ୍କୁ ଉଦ୍ଧାର କରି ଚିକିତ୍ସା କରାଯାଇଛି।

## ଏମ୍‌ଡିସି କପ୍ କ୍ରିକେଟ୍, ଆରକେ ଏକାଦଶ ସେମିରେ

କରଞ୍ଜିଆ, ୨୯।୧(ସମିସ): କରଞ୍ଜିଆ ମିଳନ ପଡ଼ିଆ ଦୁର୍ଗାପୂଜା କମିଟି, ଟାଉନ କ୍ଲବ୍ ସହଯୋଗରେ କରଞ୍ଜିଆ ଷ୍ଟାଡିୟମରେ ଚାଲିଥିବା ପଞ୍ଚମ ଏମ୍‌ଡିସି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସରେ ୩ଟି ଖେଳ ଅନୁଷ୍ଠିତ ହୋଇଛି। ପ୍ରଥମ ଖେଳରେ ଡାଏନାମିକ ଡେୟାରଡେଭିଲ, ଦ୍ୱିତୀୟ ମ୍ୟାଚ ଆରକେ ଏକାଦଶ ବିଜୟ ହୋଇଥିଲା। ତୃତୀୟ ମ୍ୟାଚ୍ ଆରକେ ଏକାଦଶ ଡାଏନାମିକ ଡେୟାରଡେଭିଲ ଦଳକୁ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି।

## ଜୁନିୟର ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

କୁଆମରା, ୨୯ ।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ପିଏମଶ୍ରୀ ବିଦ୍ୟାଳୟରେ ଆରମ୍ଭ ହୋଇଛି। ଏଥିରେ ଜିଲ୍ଲାର ୧୩୬ ଟି ବିଦ୍ୟାଳୟ ଯୋଗ ଦେଇଥିବାବେଳେ ୬ ଶହରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଛନ୍ତି। ଉକ୍ତ ତିନି ଦିନିଆ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ଶଶିଧର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୁଖ୍ୟବକ୍ତା ରାଜ୍ୟ ସମ୍ପାଦକ ଗଣେଶ ପାତ୍ର, ସମ୍ମାନିତ ଅତିଥି ବ୍ଲକ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀ, ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଦନମୋହନ ମୁର୍ମୁ, ଜିଲ୍ଲା ଜୁନିୟର ରେଡ଼କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ, ସାଂଗଠନିକ ସମ୍ପାଦକ ତଥା ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର, ବରିଷ୍ଠ ସାଧନ କର୍ମୀ ଶଶିଧର ବିଶ୍ୱାଳ, ବାମନ ଚରଣ ମହାନ୍ତି, ସମୋନାଥ ନାୟକ, ଅଶୋକ କୁମାର ମହାନ୍ତି, ସତ୍ୟନାରାୟଣ ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବା ଓ ବିଶ୍ୱ ବନ୍ଧୁତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଖେଳ ଶିକ୍ଷକ ନିର୍ମଳ ଦାସବାବୁ ଶ୍ଳୋକ ପାଠ କରିଥିବାବେଳେ ପ୍ରୋଗ୍ରାମ ଅଫିସର ଉମାକାନ୍ତ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ରାଇରଙ୍ଗପୁର, ୨୯।୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜିଲ୍ଲା ଗସ୍ତ ଅବସରରେ ଶିମିଳିପାଳ ଅଭୟାରଣ୍ୟ ଭ୍ରମଣ ସହ ଯଶିପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ସୁରକ୍ଷା ବ୍ୟବସ୍ଥା ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତି



ଫେବୃଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏ ଅବସରରେ ଫେବୃଆରୀ ୫ ତାରିଖ ଅପରାହ୍ନରେ ହେଲିକାପ୍ଟର ଯୋଗେ ଯଶିପୁରରେ ପହଞ୍ଚିବେ। ଅନକୂଳପୁର ଫୁଟବଲ ପଡ଼ିଆରେ ଅସ୍ଥାୟୀ ହେଲିପ୍ୟାଡ ହେବ। ସେ ସେଠାରେ ରାଷ୍ଟ୍ରପତି ଅବତରଣ କରିବେ। ପରେ ସ୍ୱତନ୍ତ୍ର ଗାଡ଼ିରେ ସଡ଼କ ପଥରେ ଶିମିଳିପାଳ ଭିତରକୁ ପ୍ରବେଶ କରିବେ। ଶିମିଳିପାଳ ବୁଲିବା ସହ ରାତ୍ର ଭୋଜନ କରି ରାତ୍ରି ରହଣି କରିବେ। ପରଦିନ ସକାଳ ୯:୧୫ରେ ଶିମିଳିପାଳ ଅଞ୍ଚଳର ଆଦିବାସୀ ମହିଳା ଓ ଯୁବକଙ୍କ ସହ ଆଲୋଚନା କରି ଯଶିପୁର ହୋଇ ପ୍ରତ୍ୟାବର୍ତ୍ତନ କରିବେ। ମନ୍ତ୍ରୀ ହେଲିପ୍ୟାଡ ସ୍ଥଳ ବୁଲି ଦେଖିଥିଲେ।

## ବଡ଼ବିଲ ମହୋତ୍ସବ ଆରମ୍ଭ

ବଡ଼ବିଲ, ୨୯।୧(ସମିସ): ୨୬ତମ ବଡ଼ବିଲ ମହୋତ୍ସବର ଶୁଭାରମ୍ଭ ହୋଇଛି। ରାଜ୍ୟର ଜଙ୍ଗଲ, ପରିବେଶ ଓ ଜଳବାୟୁ



ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟୁଷରେ ଏକ ମିନି ମାରାଥନ ଆୟୋଜନ କରାଯାଇ କାର୍ଯ୍ୟକ୍ରମକୁ ଆଡମ୍ବର ସହକାରେ ଆରମ୍ଭ କରାଯାଇଛି। ଏହି ଗଣଦୌଡ଼ରେ ସହରର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ, ପୌରନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ତହସିଲଦାର ରାକେଶ କୁମାର ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ପ୍ରତିଯୋଗୀମାନେ ଦୌଡ଼ିବା ଆରମ୍ଭ କରିଥିଲେ। ଭଦ୍ରାସାହି ଛକରୁ ବାହାରି ସହର ପରିକ୍ରମା କରି ସମସ୍ତେ ମହୋତ୍ସବ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଅପରାହ୍ନ ସମୟରେ ଏକ ବିଶେଷ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଚାରିଦିନିଆ ମହୋତ୍ସବରେ ଅନେକ ପ୍ରକାର ପ୍ରଦର୍ଶନୀ, ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ।

## ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କ ଧାରଣା

ଶୁଳିଆପଦା, ୨୯।୧(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଧର୍ମପୁରାର (୪୮୮ ବର୍ଗ) ବ୍ଲକ ଗ୍ରାଣ୍ଟ ଅନୁଦାନପ୍ରାପ୍ତ ୨୦୦୯, ୨୦୧୭ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ୩ ଦଫା ଦାବି ନେଇ ପ୍ରତୀକ ଧାରଣାରେ ବସିଥିଲେ। ୨୦୨୫ ଫେବୃଆରୀ ମାସର ଦରମା ଦେବାରେ କାହିଁକି ବିଳମ୍ବ, ଏ ବାବଦରେ ବାରମ୍ବାର କର୍ମଚାରୀ ପଚାରିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନ ମିଳିବା, ୨୦୨୫ରେ ୧୧ ମାସର ଦରମା ଦେଇ ଶିକ୍ଷକ କର୍ମଚାରୀଙ୍କଠାରୁ ୧୨ ମାସର ଇନକମ୍ ଟ୍ୟାକ୍ସ (ଟିଡିଏସ୍) କାଟି ୧୩ ହଜାର ୫ ଶହ ଟଙ୍କା ଦେବାକୁ ବାଧ୍ୟ କରିବା, ୨୦୧୬ରେ ୪୮୮ ବର୍ଗ ସଙ୍ଘ ଷ୍ଟ୍ରାଇକ୍‌ରେ ଥିବା ସମୟର ବାକି ଥିବା ଦରମା ରାଶି ସରକାର ପରେ ଦେଇଥିଲେ। ତାହା ଏଯାବତ୍ ବିଦ୍ୟାଳୟ ଖାତାରେ ଜମାଥିଲେ ମଧ୍ୟ ଅଧ୍ୟକ୍ଷ କର୍ମଚାରୀଙ୍କୁ ପ୍ରଦାନ ନ କରିବା ପ୍ରତିବାଦରେ ପ୍ରତୀକ ଧାରଣାରେ ବସିଥିଲେ। ୨୧ ଜଣ କର୍ମଚାରୀ ଦିବା ୧୦ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଶୁଳିଆପଦା ଥାନା ଓଆଇସି ସତ୍ୟନାରାୟଣ ବଳ ଧାରଣା ସ୍ଥଳ ପରିଦର୍ଶନରେ ଯାଇଥିଲେ। ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ମଧ୍ୟ ୪୮୮ ବର୍ଗ ଭିତରେ ଥିବାରୁ ମୋତେ ମଧ୍ୟ ଉକ୍ତ ମାସର ଦରମା ମିଳିନାହିଁ। ସରକାରୀ ଗାଇଡ୍ ଲାଇନ୍ ଅନୁସାରେ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି।

## ହାତୀମୋଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଉଦଳା, ୨୯।୧(ସମିସ): ଉଦଳା ବ୍ଲକ ଅଧୀନ 'ଜୁମିଦ ଯୁଆନ ଗାଓଁତା ' ହାତୀମୋଡା ବାଲିଛତ୍ରା ଯୁବକ ସଂଘ ଆନୁକୂଲ୍ୟରେ



ଦୁଇଦିନିଆ ଫୁଟବଲ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଣ୍ଡାବାଇ, ଶ୍ରୀଦାମଚନ୍ଦ୍ରପୁର ଓ ନୂଆଗାଁକୁ ନେଇ ଗଠିତ ଏହି କାର୍ଯ୍ୟକ୍ରମରେ ଆଜି ଥିଲା ଉଦଯାପନୀ ଉତ୍ସବ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଦଳା ଯୁବ ନେତା କଲ୍ଲୋଳ ସିଂ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ବସନ୍ତ ସିଂ ଓ ସମ୍ମାନିତ ଅତିଥି ଭାବେ ରମେଶ ସିଂ ବିରୁଆ ଯୋଗଦେଇ ବିଭିନ୍ନ କ୍ରୀଡା କ୍ଷେତ୍ରରେ ବିଜୟୀ ଟିମକୁ ପୁରସ୍କୃତ କରିବା ସହ ଗ୍ରାମାଞ୍ଚଳର କ୍ରୀଡ଼ାବିତଙ୍କ ଉତ୍ସାହ ଏବଂ ସଫଳତା ଦିଗରେ ଆଗକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। କମିଟି ସଭାପତି ସିଙ୍ଗ୍ରାୟ ମୁର୍ମୁ ଓ ସମ୍ପାଦକ ଶିବଶଙ୍କର ମୁର୍ମୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫୩ ଲିଟର ମହୁଲିମଦ ଜବତ, ୩ ଗିରଫ

ଠାକୁରମୁଣ୍ଡା, ୨୯।୧(ସମିସ): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାଏକଙ୍କ ନେତୃତ୍ୱରେ ଶିକୃଳି ଅବକାରୀ ଜାମାଦାର ପୂର୍ଣ୍ଣଚନ୍ଦ୍ର ନାଏକ ଓ ଅନ୍ୟ ଅବକାରୀ କର୍ମଚାରୀ ଗୁରବାର ଦିନ ଚଢ଼ଉ କରି ଠାକୁରମୁଣ୍ଡା ଅବକାରୀ ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ତିନିଜଣ ଚୋରା ଦେଶୀ ମହୁଲି ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ଭୋର ସମୟରେ ଅବକାରୀ ବିଭାଗ ଅଧିକାରୀ



ପାଟ୍ରୋଲିଂ କରୁଥିବା ସମୟରେ ଜରକ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆଦର ଗ୍ରାମର ରଶ୍ମିତା ମହାନ୍ତ (୩୦) ବିକ୍ରି କରିବାକୁ ରଖିଥିବା ୧୭ ଲିଟର ମହୁଲି ମଦ, ସେହି ଗ୍ରାମର ଦୁର୍ଯ୍ୟୋଧନ ତନ୍ତି (୩୮) ଙ୍କ ପାଖରୁ ୨୦ ଲିଟର ମହୁଲି ମଦ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲେ। ଖଣ୍ଡବନ୍ଧ ପଞ୍ଚାୟତ କେଲପୋଷି ଗ୍ରାମର ଗୋକୁଳ ମହାନ୍ତ (୫୧) ଙ୍କ ପାଖରୁ ୧୬ ଲିଟର ମହୁଲି ମଦ ଜବତ କରି ସେମାନଙ୍କୁ ଗିରଫ କରାଯାଇଛି।

## ମନ୍ତ୍ରୀ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବେତନଟୀ, ୨୯।୧(ସମିସ): ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ବେତନଟୀକୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବାବେଳେ ସେମାନଙ୍କୁ



ବେତନଟୀ ବଙ୍ଗଳା ଛକସ୍ଥ ଡାକବଙ୍ଗଳାରେ ବିଜେପି ଜିଲ୍ଲା ଉପସଭାପତି ରାଜକିଶୋର ସାହା ଓ ପୂର୍ବତନ ଜିଲ୍ଲା ଉପସଭାପତି ପ୍ରଦୀପ ପରିଡ଼ାଙ୍କ ନେତୃତ୍ୱରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ପୁରୁଖା ବିଜେପି ନେତୃତ୍ୱଙ୍କ ସହିତ ଅନେକ ସାମାଜିକ, ବ୍ୟବସାୟିକ ଅନୁଷ୍ଠାନ ଓ ବେତନଟୀ ବ୍ଲକ ମିଡିଆ ଆସୋସିଏସନ୍ ଯୋଗ ଦେଇଥିଲେ।

## ନିକଲ୍‌ସନ ବନବିଦ୍ୟାଳୟ ପରିଦର୍ଶନ କଲେ ମନ୍ତ୍ରୀ

ଚମ୍ପୁଆ, ୨୯।୧(ସମିସ): ଚମ୍ପୁଆ ସଦରମହକୁମାସ୍ଥିତ ୧୯୨୭ରେ ସ୍ଥାପିତ ନିକଲସନ ବନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ। ବଡ଼ବିଲ ଗସ୍ତକ୍ରମରେ ଶ୍ରୀ ଖୁଣ୍ଟିଆ ଅଚାନକ ଅପରାହ୍ନରେ



ଏହି ବନବିଦ୍ୟାଳୟର ନବନିର୍ମିତ ଜିମ, ଅଡିଟରିୟମ, ଇନଡୋର ଷ୍ଟାଡିୟମ, ଲାଇବ୍ରେରି ଆଦି ବୁଲି ଦେଖିଥିଲେ। ଏପରିକି ନୂଆ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ଏସିଏଫ ଅକ୍ଷୟ ଛତ୍ରିୟା ଓ ଅଶୋକ ଦାସ କେନ୍ଦୁଝର ଓ ମୟୂରଭଞ୍ଜ ସୀମାବର୍ତ୍ତି ଅଞ୍ଚଳରେ ଶ୍ରୀ ଖୁଣ୍ଟିଆଙ୍କୁ ସ୍ୱାଗତ କରିବା ସହ ବନବିଦ୍ୟାଳୟକୁ ପାଛୋଟି ଆଣିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଉପସ୍ଥିତ ଥିଲେ।

## ଆନନ୍ଦପୁର ପୂର୍ବତନ ସୈନିକ ସଙ୍ଘର ବୈଠକ

ଆନନ୍ଦପୁର, ୨୯।୧ (ସମିସ): ଆନନ୍ଦପୁର ପୂର୍ବତନ ସୈନିକ ସଂଘ କାର୍ଯ୍ୟକାରୀ ବୈଠକ ଆଜି ସଙ୍ଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସୈନିକ ସଂଘର ସଭାପତି ତ୍ରିଲୋଚନ ଦାଶଙ୍କ ତତ୍ତ୍ୱାବଧାନରେ ପୂର୍ବତନ ସୈନିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସାଙ୍ଗଠନିକ ଆଲୋଚନା



ସହ ଅନ୍ୟ ଏକ ସଂଘ ସହ ମିଶ୍ରଣ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶମାତୃକାର ସମ୍ମାନ ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ଭାରତୀୟ ସୈନିକଙ୍କ ପରାକ୍ରମ ଓ ସାହସିକତା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୌରବର ବିଷୟ ବୋଲି ମତ ବ୍ୟକ୍ତ କରି ଆନନ୍ଦରେ ଭାରତ ମାତାର ଜୟଗାନ କରିଥିଲେ। ଅଭିମନ୍ୟୁ ମହାରଣା, ଜଗବନ୍ଧୁ ଜେନା, ଶ୍ରୀକାନ୍ତ ବାରିକ, ପ୍ରଭାକର ସାହୁ, ରବୀନ୍ଦ୍ର ସାହୁ, ଗଗନ ସିଂ, ମୁରଲୀଧର ମିଶ୍ର, ଗଙ୍ଗାଧର ସାହୁ, ଭୀମସେନ ବିଶ୍ୱାଳ, ରବୀନ୍ଦ୍ର ସାହୁ, ଅଭିମନ୍ୟୁ ରାମ, ପ୍ରମୋଦ ବିଶ୍ୱାଳ, ନିର୍ମଳ ଦାଶ, ସତ୍ୟଜିତ ସିହ୍ନା, ଭୀମସେନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରେଡ଼କ୍ରସ ପକ୍ଷରୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ ଆରମ୍ଭ

ବାରିପଦା, ୨୯ ।୧(ସମିସ)

ଭାରତୀୟ ରେଡକ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱର ଆର୍ଥିକ ସହାୟତାରେ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମା ବିଭାଗ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତଥା ରେଡ଼କ୍ରସ ସମ୍ପାଦକ ଶ୍ରୀମତୀ ଶ୍ରଦ୍ଧା ସୁମନ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା ମୟୂରଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ରେଡକ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ



ସଚିବ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡା. କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନରୁଲ ହୁସେନ, ରାଜ୍ୟ ରେଡ଼କ୍ରସ୍‌ର ସହସମ୍ପାଦକ, ଅଶୋକ କୁମାର ମହାନ୍ତି, ଭାରତୀୟ ରେଡକ୍ରସ ସଂସ୍ଥା ଓଡ଼ିଶା ଶାଖାର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ସଭାକୁ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି ପରିଚାଳନା କରିଥିବାବେଳେ ଟିବି କାର୍ଯ୍ୟକ୍ରମର ସଂଯୋଜକ ଦୀନକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯକ୍ଷ୍ମା ରୋଗୀଙ୍କୁ ମୁଖ୍ୟ ଅତିଥି ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରିଥିଲେ। ଯକ୍ଷ୍ମା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିବାବେଳେ ଜିଲ୍ଲା ଜରୁରିକାଳୀନ ବିଭାଗ ଉପସ୍ଥିତ ଥିଲେ। ଜିଲ୍ଲାର ୨୬ଟି ବ୍ଲକର ୨୨୩୮ ଯକ୍ଷ୍ମା ରୋଗୀ ପ୍ରାଥମିକ ସ୍ଥଳେ ଉପକୃତ ହେବେ। ପରେ ଏହା ଅଧିକରୁ ଅଧିକ ଯକ୍ଷ୍ମା ରୋଗୀଙ୍କୁ ସାମିଲ କରିଯିବ ବୋଲି ରାଜ୍ୟ ସମ୍ପାଦକ ଶ୍ରୀ ପାତ୍ର ସୂଚନା ଦେଇଥିଲେ। ଜରୁରିକାଳୀନ ବିଭାଗର ବରିଷ୍ଠ ସହାୟକ ମନୋଜ ମଙ୍ଗରାଜ, ପବିତ୍ର ମହାନ୍ତ, ରବୀନ୍ଦ୍ର ଦାଶ, ଟିବି ବିଭାଗର ଚିନ୍ମୟ ଦାସ, ଇନ୍ଦିରା ପ୍ରିୟଦର୍ଶୀ, ଅନଙ୍ଗଦେବ ବାରିକ, ସତ୍ୟବ୍ରତ ମିଶ୍ର, ମନୋରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ପିପିପି ଟ୍ରଷ୍ଟର ବୈଠକ

# ୧୦୮ ଫୁଟ ଉଚ୍ଚତାର ହନୁମାନ ମୂର୍ତ୍ତି ପ୍ରତିଷ୍ଠା ନିଷ୍ପତ୍ତି

ବାରିପଦା, ୨୯ ।୧(ସମିସ): ବାରିପଦା ନିକଟସ୍ଥ ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବୁଢାବଳଙ୍ଗ ନଦୀ କୂଳସ୍ଥ ସାନକୁଲିଡିହା ଗ୍ରାମରେ ପିପିପି ଟ୍ରଷ୍ଟର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଅଞ୍ଚଳରେ ଏକ ହନୁମାନ ବାଟିକାର ନିର୍ମାଣ ସହ ଏକ ପର୍ଯ୍ୟଟନ ସ୍ଥଳୀରେ ପରିବର୍ତ୍ତନ କରିବା ପାଇଁ ଟ୍ରଷ୍ଟ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୦୮ ଫୁଟ ଉଚ୍ଚର ହନୁମାନଙ୍କ ମୂର୍ତ୍ତି ପ୍ରତିଷ୍ଠା ସହ ଆଧାତ୍ମିକ ପରିବେଶ ସୃଷ୍ଟି, ଗୋଶାଳା, ବୃଦ୍ଧାଶ୍ରମ, ଗୁରୁକୁଳ ଶିକ୍ଷା ବ୍ୟବସ୍ଥା, ଅତ୍ୟାଧୁନିକ



ଡାକ୍ତରଖାନା ସ୍ଥାପନା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଡଃ ଅକ୍ଷୟ କୁମାର ମହାନ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ଟ୍ରଷ୍ଟି ତଥା ସମାଜସେବୀ ସୋମନାଥ ସିଂହ, ଶିଖ ଧର୍ମଗୁରୁ ସର୍ଦ୍ଦାର ହରିଚରଣ ସିଂହ, ବରିଷ୍ଠ ନାଗରିକ ତଥା ପୂଜକ ଜୟକୃଷ୍ଣ ମିଶ୍ର, କାର୍ଯ୍ୟାଳୟ ସମ୍ପାଦିକା ସୁମିତା ଚୌବେ, ଉପଦେଷ୍ଟା ବିମଳଲୋଚନ ପାଣିଗ୍ରାହୀ, ସଦସ୍ୟା ସବିତା ବେହେରା, ସୁଜାତା ମହାପାତ୍ର, ସୁଲୋଚନା ରାଉତ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ। ସଞ୍ଜୀବ ସାହୁ, ଶ୍ରୀକାନ୍ତ ରାଉତ, ଆଇନଜୀବୀ ଉତ୍ତମ ଦଳବେହେରା ଓ ପିସି ସେଠି, ଇନ୍ଦୁମତୀ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଡହଳଦିଆକନ୍ଦ ଓ ସାନକୁଲିଡିଆ ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସାମ୍ବାଦିକ ଗୌରଦାସ ଗିରି, ହିମାଂଶୁ ପ୍ରହରାଜ, ଅଜିତ ଦାସ ଓ ଶିବାନନ୍ଦ ବାଗ ଯୋଗ ଦେଇଥିଲେ।

